Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୧୪
Volum. - 22 ■ Issue No.- 14
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

# KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 | ୨୦ ଫେବୃୟାରୀ - ୨୬ ଫେବୃୟାରୀ ୨୦୨୨ | 20 Feb. - 26 Feb. 2022 | Odia Weekly | 8 Pages | Rs.2/- only

## ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ଅନିୟମିତତା ଅଭିଯୋଗ ଆଣିଲା ବଲାଙ୍ଗିର ବିଜେପି



ବଲାଙ୍ଗିର, (ନିପ୍ର) : ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛି ବଲାଙ୍ଗିର ବିଜେପି । ଭାରତୀୟ ଜନତା ପାର୍ଟି ତରଫରୁ ଜିଲ୍ଲା ସଭାପତି ଶିବାଜୀ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ସାକ୍ଷାତ କରି ପ୍ରଥମ ପର୍ଯ୍ୟାୟ ପଂଚାୟତ ନିର୍ବାଚନରେ ହୋଇଥିବା ଅନିୟମିତତା ବିଷୟରେ ଲିଖିତ ଅଭିଯୋଗ କରିଛନ୍ତି । ବିଶେଷ କରି ପ୍ରିଜାଇଡିଂ ଅଧିକାରୀମାନେ ପୁଲିଂ ଏଜେଣ୍ଟମାନଙ୍କୁ ୧୧ ନଂ ଫର୍ମ ଦେବାକୁ ମନା କରିବା ଅବାଧ ଓ ନିରପେକ୍ଷ ନିର୍ବାଚନର ପରିପନ୍ଥୀ ଅଟେ, ତେଣୁ ତୁରନ୍ତ ଏହାର ସମାଧାନ କରିବାକୁ ଦାବୀ କରାଯାଇଛି । ଅନ୍ୟଥା ଅସାଧୁ ଅଧିକାରୀମାନଙ୍କ ସହ ଶାସକ ଦଳର ଲୋକ ମିଶି ଅବ୍ୟବହୃତ ବେଲଟ କାଗଜକୁ ନିଜ ପ୍ରାର୍ଥୀ ସପକ୍ଷରେ ବ୍ୟବହାର କରିବା ସମ୍ଭାବନାକୁ ଏଡାଇ ଦିଆନଯାଇପାରେ, କାରଣ ବେଲଟ ବାକ୍ସ ଗୁଡିକ ଏକ ସପ୍ତାହରୁ ଅଧିକ ସମୟ ବ୍ଲକ ଅଫିସମାନଙ୍କରେ ରହିବ । ତେଣୁ ଏହାର ତୁରନ୍ତ ସମାଧାନ ଦାବୀ କରିଛି ବଲାଙ୍ଗିର ଜିଲ୍ଲା ବିଜେପି । ଜିଲ୍ଲାପାଳ ଏହା ଉପରେ ନିର୍ଭର ପ୍ରତିଶୃତି ଦେବା ସଙ୍ଗେ ସଙ୍ଗେ ୧୧ ନଂ ଫର୍ମ ଦେବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ ଠାରୁ ଏକ ଚିଠି ଆସିବା କଥା କହିଛନ୍ତି ଏବଂ ଚିଠିର ଏକକିତା ନକଲ ଦେଇ ତାକୁ ସମସ୍ତ ପ୍ରାର୍ଥୀ ତଥା ପୁଲିଂ ଏଜେଣ୍ଟମାନଙ୍କୁ ଦେବା ପାଇଁ ଅନୁରୋଧ କରିଛନ୍ତି । ଜିଲ୍ଲାପାଳଙ୍କୁ ଭେଟିଥିବା ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା କୋଷାଧକ୍ଷ ପ୍ରଦୀପ ବଂଶଲ ଓ ଯୁବମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଟଙ୍କଧର ପୁଟେଲ ମଧ୍ୟ ଭାଗ ନେଇଥିଲେ ।

## ବାଲିଗୁଡା ବିଧାୟକଙ୍କ ଗାଁରେ ଭୋଟ୍ ବର୍ଜନ ଚେତାବନୀ



ବାଲିଗୁଡା, (ନିପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକର ସାଇନପଡା ଗ୍ରାମ ପଞ୍ଚାୟତର ଛଅ ୱାର୍ଡବାସୀ ତଥା ବିଧାୟକଙ୍କ ଗାଁରେ ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି । ନୂତନ ପଞ୍ଚାୟତ ଗଠନ ଓ ମୌଳିକ ସମସ୍ୟାର ସମାଧାନ ପାଇଁ ଆଗାମୀ ତ୍ରିସ୍ତରୀୟ ନିର୍ବାଚନ ବର୍ଜନ କରିବେ । ସାଇନପଡା ଗ୍ରାମ ପଞ୍ଚାୟତର ଛଅ ୱାର୍ଡବାସୀ ଆଗାମୀ ତ୍ରିସ୍ତରୀୟ ନିର୍ବାଚନ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି । ନନ୍ଦମାହା ସମେତ ଛଅ ୱାର୍ଡ଼ବାସୀଙ୍କ କହିବା କଥା ଯେ, ପୂର୍ବରୁ ସେମାନେ କୁଡୁତୁଲୀ ଗ୍ରାମ ପଞ୍ଚାୟତରେ ଥିଲେ ସାଇନପଡା ପଞ୍ଚାୟତ ଗଠନ ବେଳେ ଗ୍ରାମବାସୀଙ୍କୁ ନ ଜଣାଇ ସାଇନପଡା ଗ୍ରାମ ପଞ୍ଚାୟତରେ ମିଶାଇ ଦିଆଗଲା । ଏନେଇ ଗ୍ରାମବାସୀ କ.ନୂଆଗାଁ ବିଡ଼ିଓ, ବାଲିଗୁଡା ଉପଜିଲ୍ଲାପାଳ, ମୁଖ୍ୟ ଶାସନ ସଚିବ ଓ ପଞ୍ଚାୟତିରାଜ ବିଭାଗକୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଫଳ ଶୂନ । ଶେଷରେ ବାଧ ହୋଇ ଗ୍ରାମବାସୀ ମିଳିତ ଭାବେ ବୈଠକ କରି ଭୋଟ ବର୍ଜନ କରିବାକୁ ଚରମ ନିଷ୍ପତ୍ତି ନେଇଛନ୍ତି । ଗାଁରେ ପାନୀୟ ଜଳ ସଙ୍କଟ ସହିତ ଗରିବ ହିତାଧିକାରୀଙ୍କୁ ବିଜୁ ପକ୍କାଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ ନଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଗ୍ରାମବାସୀ ବହୁବାର ବ୍ଲକ ପ୍ରଶାସନିକ ଅଧିକାରୀ ଏବଂ ଜିଲ୍ଲାପାଳ ସ୍ଥାନୀୟ ବିଧାୟକଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଶେଷରେ ଅତିଷ୍ଠ ହୋଇ ଆଗାମୀ ତ୍ରିସ୍ତରୀୟ ନିର୍ବାଚନ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି । ନନ୍ଦମାହା, କିରାକେତା, ଡାକରଗାଁ, ସିକେଶରୁ, ସାରିଖେତା, ମୁଣ୍ଡାର ଗାଁ, ବିକାଙ୍ଗିଆ, ତିଳକପଡା, ଗାନିପଡା, ଟେଟ୍ରେ ଗାଁରେ ଅନୁନ୍ୟ ପାଞ୍ଚ ହଜାର ଲୋକ ବସବାସ କରନ୍ତି । କୁଡୁତୁଲି ଓ ସାଇନପଡା ପଞ୍ଚାୟତକୁ ରାସନ ଚାଉଳ ଓ ବିଧବା, ବାର୍ଦ୍ଧକ୍ୟ ଭତ୍ତା ପାଇଁ ଦୁଇଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ତେଣୁ ଛଅ ୱାର୍ଡବାସୀଙ୍କ ଦାବୀ ଯେ, ସେମାନଙ୍କୁ ପୂର୍ବଭଳି କୁଡୁତୁଲୀ ୱାର୍ଡ଼ରେ ସାମିଲ କରାଯାଉ କିମ୍ବା ନନ୍ଦମାହାରେ ଛଅ ୱାର୍ଡ଼କୁ ନେଇ ନୂତନ ପଞ୍ଚାୟତ ଗଠନ କରାଯାଉ ବୋଲି କମଳ ଲୋଚନ କହଁର, ରୁକ୍ମଣୀ କହଁର, ସିମାଞ୍ଚଳ କହଁରଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବୀ କରିଛନ୍ତି ।

## ଦିବ୍ୟାଙ୍ଗ ଅନୁସୂଚିତ ବ୍ୟକ୍ତିଙ୍କ ଜୀବିକା ଉପାର୍ଜନ ନିମନ୍ତେ ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ରର ଏକ ସଫଳ ଉଦ୍ୟମ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ସରକାରଙ୍କର ଅନୁସୂଚିତ ଜାତି ଖସଡ଼ା ଅନ୍ତର୍ଗତରେ ସମୁଦାୟ ୨୪ଜଣ ଦିବ୍ୟାଙ୍ଗ ଅନୁସୂଚିତ ହିତାଧିକାରୀମାନଙ୍କୁ ୨୧ ଦିନିଆ କଳିଙ୍ଗ ବ୍ରାଉନ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଛି । ପୁଇଁତଲା ଏବଂ ଲୋଇସିଂହ ବ୍ଲକ୍‌ର ଏହି ହିତାଧିକାରୀମାନଙ୍କୁ ପ୍ରତ୍ୟେକ ୨୫ଟି ୨୧ ଦିନିଆ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି । ଏହା ମାଧ୍ୟମରେ ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ର ବାଡ଼ି ଅଗଣାରେ ସ୍ୱଳ୍ପ ଖର୍ଚ୍ଚରେ କୁକୁଡ଼ା ପାଳନର ଏକ ସଫଳ କ୍ଷେତ୍ର ପ୍ରଦର୍ଶନ କରିଅଛି । ଉକ୍ତ କ୍ଷେତ୍ର ପ୍ରଦର୍ଶନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା, ପ୍ରାଣୀ ସମ୍ପଦ ବିକାଶ ବିଭାଗ ବଲାଙ୍ଗିର ସହଯୋଗ ପ୍ରଦାନ କରି କାର୍ଯ୍ୟକ୍ରମର ସଫଳତାରେ ସାହାଯ୍ୟ କରିଛନ୍ତି । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦିଗମ୍ବର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡା. ସତ୍ୟମୟ ଶତପଥୀ ଏବଂ ପ୍ରାଣୀ ବିଜ୍ଞାନୀ ଡ. ତପନ କୁମାର ପଲାଇ କୃଷି ବିଜ୍ଞାନ କେନ୍ଦ୍ରଙ୍କ ମିଳିତ ଉଦ୍ୟମରେ ହିତାଧିକାରୀ ଚୟନ ହୋଇ ବଣ୍ଟନ କାର୍ଯ୍ୟ ସମାପ୍ତ ହୋଇଛି ।

ଏହି କ୍ଷେତ୍ର ପ୍ରଦର୍ଶନୀ ମାଧ୍ୟମରେ ହିତାଧିକାରୀ ମାନଙ୍କୁ ଟିକାକରଣ କରାଯାଇଥିବା ସୁସ୍ଥ ୨୧ ଦିନିଆ କୁକୁଡ଼ା ଚିଆଁ ପ୍ରଦାନ କରାଯିବ ସହ ସ୍ୱଳ୍ପ ଖର୍ଚ୍ଚରେ ବାଡ଼ି ଅଗଣାରେ ପାଳନ ବାବଦରେ ତାଲିମ ମଧ୍ୟ ପ୍ରଦାନ କରାଯାଇଛି, ଏହି ଉଦ୍ୟମ ଦ୍ୱାରା ହିତାଧିକାରୀମାନେ ଆଗାମୀ ଦିନରେ କୁକୁଡ଼ା ପାଳନକୁ କ୍ଷୁଦ୍ର ବ୍ୟବସାୟିକ ଭିତ୍ତିରେ ଗ୍ରହଣ କରି ନିଜର ଜୀବିକା ଉପାଦନର ପନ୍ଥାକୁ ସୁନିଶ୍ଚିତ ବଢ଼ାଇବେ ।

## ସାମାଜିକ ଗଣମାଧ୍ୟମରେ ଫଟୋ ଭାଇରାଲ କରିବା ଅଭିଯୋଗରେ ଯୁବକ ଗିରଫ

ସମ୍ବଲପୁର : ଯୁଯୁମୁରା ଥାନା ଅଂଚଳରେ ଜଣେ ଯୁବତୀଙ୍କ ଫଟୋକୁ ଜଣେ ଯୁବକଙ୍କ ଫଟୋ ସହିତ ଯୋଡ଼ି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଯୁବକ ଜଣକ କୁଶାମରାର ସହଦେବ ଧରୁଆ(୨୫) ବୋଲି ଜଣାପଡ଼ିଛି । ପୋଲିସ ଠାରୁ ମିଳିଥିବା ସୂଚନା ଅନୁସାରେ ସହଦେବ କୌଣସି କାରଣରୁ ପ୍ରତିଶୋଧ ପରାୟଣ ହୋଇ ଅଭିଯୋଗ କରିଥିବା ଯୁବତୀଙ୍କ ଫଟୋ ଆଉ ଜଣେ ଯୁବକଙ୍କ ଫଟୋ ସହିତ ଯୋଡ଼ି ନିଜ ଫେସବୁକ୍ ଆଇଡ଼ିରେ ପୋଷ୍ଟ କରିଥିଲେ । ଏହା ଦେଖିବା ପରେ ଯବୁତୀ ଜଣକ ଯୁଯୁମରା ଥାନାରେ ଅଭିଯୋଗ କରିଥିଲେ ।

## ସାନଖେମୁଣ୍ଡି ପମ୍ପ ହାଉସ୍ ନିକଟରେ ଅସ୍ଥାୟୀ ମଦ ଗୋଦାମକୁ ଜନତାଙ୍କ ବିରୋଧ

### ଗ୍ରାମବାସୀ ରାତି ତମାମ୍ ଘେରି ବସିଛନ୍ତି



ବ୍ରହ୍ମପୁର, (ନିପ୍ର) : ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ୬୨ ନଂ. ଜୋନ୍ କଲରାପଦର ପଞ୍ଚାୟତର ମାଟିଆବରାଇ ଗ୍ରାମର ପମ୍ପ ହାଉସ୍‌ରେ ବିପୁଳ ପରିମାଣର ମଦ ରଖାଯାଇଛି । ଗ୍ରାମବାସୀ ବାରମ୍ବାର ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ କେହି ଶୁଣୁନାହାନ୍ତି । ବର୍ତ୍ତମାନ ମଧ୍ୟ ଗ୍ରାମର ମହିଳା ମାନେ ବସୁନ୍ଧରା ଯୋଜନାରେ ତିଆରି ହୋଇଥିବା ପମ୍ପ ହାଉସ୍ ନିକଟରେ ମଦକୁ ବିରୋଧ କରି ବସିଛନ୍ତି ।

ଗ୍ରାମବାସୀଙ୍କ ସହ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଶ୍ରୀମତୀ ବବିତା ପାତ୍ର, ୬୨ ନଂ. ଜୋନ୍ ଜିଲ୍ଲା ପରିଷଦ ପ୍ରାର୍ଥିନୀ ଶ୍ରୀମତୀ କେ. ସୁମିତ୍ରା ରେଡ୍ଡୀ, ବିଜେପି ମଣ୍ଡଳ ସଭାପତି ଗୌତମ କୁମାର ରଣା, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଚିନ୍ମୟ ରେଡ୍ଡୀଙ୍କ ସହିତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଗଞ୍ଜାମ ଜିଲ୍ଲା ପ୍ରଶାସନଙ୍କୁ ଧ୍ୟାନଦେଇ ଖୁବଶୀଘ୍ର ଏହାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଗ୍ରାମବାସୀ ଦାବୀ କରିଛନ୍ତି । ଏବେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିବା ବେଳେ ବିଜେପି ନେତ୍ରୀ ଶ୍ରୀମତୀ ବବିତା ପାତ୍ରଙ୍କ ନେତୃତ୍ୱରେ କର୍ମୀମାନଙ୍କ ସହ ଧାରଣାରେ ବସିବା ପରେ ପୋଲିସ ଆଇ.ଆଇ.ସି. ଏବଂ ବିଡ଼ିଓ ଘଟଣା ସ୍ଥଳକୁ ରାତି ୧୦ ଘଣ୍ଟା ସମୟରେ ପହଞ୍ଚି ୧୫ ବସ୍ତା ମଦ ଜବତ କରିଛନ୍ତି । ଏ କ୍ଷେତ୍ରରେ ପୋଲିସ କାହାରିକୁ ଏଯାବତ ଗିରିଫ କରିନଥିବା ଏକ କ୍ଷୋଭ ଓ ନିନ୍ଦନୀୟ ବିଷୟ ବୋଲି ଗ୍ରାମବାସୀ ଉଦ୍‌ବେଗର ସହ କହିଛନ୍ତି ।

## ଅସାଧୁ ଧାନ ବେପାରୀଙ୍କ ଉପରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ : ଜିଲ୍ଲାର ମଣ୍ଡି ମାନଙ୍କରେ ପ୍ରକୃତ ଚାଷୀଙ୍କ ଦ୍ୱାରା ଧାନ ବିକ୍ରୟ ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, (ନିପ୍ର) : ଜିଲ୍ଲାର କୃଷକମାନଙ୍କ ହିତ ଦୃଷ୍ଟିରୁ ସମସ୍ତ ମଣ୍ଡି ମାନଙ୍କରେ ସୁବିଧାରେ ଧାନ କ୍ରୟ ବିକ୍ରୟ କରିବା ପ୍ରକ୍ରିୟା ତଦାରଖ କରିବା ପାଇଁ ଜିଲ୍ଲାପାଳ ଶ୍ରୀମତୀ ଅବୋଲି ସୁନୀଲ ନରୱଣେ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେବା ସହ ଅସାଧୁ ବେପାରୀଙ୍କ ଜରିଆରେ ନିମ୍ନ ମାନର ଧାନ ଆସୁଥିବା ଅଭିଯୋଗ ଉପରେ ଜିଲ୍ଲାପାଳ ସୁବର୍ଣ୍ଣପୁର କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସତର୍କ କରିଛନ୍ତି । ବୀରମହାରାଜପୁର ତହସିଲ ଅନ୍ତର୍ଗତ ଉଫୁଲା ପ୍ୟାକ୍ସରେ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଜମା ହେଉଥିବା ନିମ୍ନ ମାନର ଧାନ ଏବଂ ପ୍ରକୃତ ଚାଷୀ ଧାନ ବିକ୍ରି କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଉପରେ ଏକାଧିକ ଅଭିଯୋଗ ଆସିବା ପରେ ଜିଲ୍ଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆହୁରି ମଧ୍ୟ ଏଠାରେ ନିର୍ଦ୍ଧାରିତ ମାନ ନଥିବା ଧାନ ସବୁ ଜମା ହୋଇ ରହିଥିବା ବେଳେ ଭଲ ମାନର ଧାନ ରଖିଥିବା ପରବର୍ତ୍ତୀ ଚାଷୀମାନେ ଧାନ ବିକ୍ରି କରି ନପାରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏଠାରେ ଜମା ଥିବା ଧାନର ମାନ ନିର୍ଦ୍ଧାରଣ କରିବା ପାଇଁ ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ବୀରମହାରାଜପୁର ଏବଂ ଏଆରସିଏସ୍‌ଙ୍କ ଅଧୀନରେ ଏକ ସ୍ୱତନ୍ତ୍ରଦଳ ଉଫୁଲା ମଣ୍ଡିରେ ପହଂଚିଛି । ନିର୍ଦ୍ଧାରିତ ମାନ ନଥିବା ଧାନ ସବୁ କେଉଁ ପରିସ୍ଥିତିରେ ଏଠାରେ ଜମା ହୋଇ ରହିଛି ତାର କୈଫିୟତ ଉଫୁଲା ସମ୍ପାଦକଙ୍କୁ ମାଗିବା ପାଇଁ ଜିଲ୍ଲାପାଳ ଏଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉଫୁଲା ପ୍ୟାକ୍ସ ସହିତ ବୀରମହାରାଜପୁରର ସମସ୍ତ ମଣ୍ଡି ଉପରେ ତୀକ୍ଷ୍ଣ ନଜର ରଖି ଯେଭଳି ଭାବରେ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଧାନ ସବୁ ମଣ୍ଡି ମାନଙ୍କରେ ଜମା ନହେବ ଏବଂ ପ୍ରକୃତ ଚାଷୀ ଧାନ ବିକ୍ରୟ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ନହେବେ, ତା’ ଉପରେ ଦୃଷ୍ଟି ଦେବାପାଇଁ ଜିଲ୍ଲାପାଳ ତହସିଲଦାର ବୀରମହାରାଜପୁରଙ୍କୁ ନିର୍ଦ୍ଦେଶ ଦେଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ସୂଚନା ପ୍ରଦାନ କରଛନ୍ତି ।

## ବରପିଟା ପ୍ରାଥମିକ ବିଦ୍ୟାଳୟ ଅସୁରକ୍ଷିତ ଭୋଟ ଦାନ କେନ୍ଦ୍ର

ପାଟଣାଗଡ, (ନିପ୍ର) : ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ସମୟରେ ପୁଣି ଥରେ ଚର୍ଚ୍ଚାରେ ବରପିଟା ପ୍ରାଥମିକ ବିଦ୍ୟାଳୟ ତଥା ୱାର୍ଡସ୍ତରୀୟ ମତଦାନ କେନ୍ଦ୍ର । ଅନେକ ସମୟରେ ଚର୍ଚ୍ଚାର ପରିସରକୁ ଆସିଥିବା ଏହି ବିଦ୍ୟାଳୟରେ ଆଗାମୀ ସମୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ମତଦାନ ହେବ । କିନ୍ତୁ ଅସୁରକ୍ଷିତ ଭାବରେ ରହିଛି ଏହି ବିଦ୍ୟାଳୟର ଶ୍ରେଣୀ କୋଠରୀ । ଏଠାରେ ହେବ ନିର୍ବାଚନ ପାଇଁ ମତଦାନ । ବିଦ୍ୟାଳୟରେ ଥିବା ଗୋଟିଏ କୋଠରୀରେ ଝରକା ଅଛି, କିନ୍ତୁ ଝରକାରେ କବାଟ ନାହିଁ କି ଲୁହା ଛଡ ନାହିଁ । ତେବେ କେଉଁ ସୁରକ୍ଷା ବ୍ୟବସ୍ଥାରେ ହେବ ମତଦାନ, ଏଠାରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅସୁରକ୍ଷିତ ମତଦାନ କେନ୍ଦ୍ରକୁ ନେଇ ସାଧାରଣରେ ଆଶଙ୍କା ଦେଖାଦେଇଛି ।

### ବିଶେଷ ଘୋଷଣା

ଆକସ୍ମିକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗତ ତା୧୩/୦୨/୨୦୨୨ର ‘କୋଶଳ ପ୍ରବାହ’ ସଂଖ୍ୟା ପ୍ରକାଶ ପାଇ ପାରିନାହିଁ । ଏଣୁ ଆମେ ଦୁଃଖୀତ ।

- ସଂପାଦକ -

# ବ୍ରହ୍ମୋସ୍ ପଛରେ ବିଶ୍ୱ

## ସୌମେନ୍ଦ୍ର ଜେନା

ଭାରତର ସୁପରସୋନିକ କ୍ରୁଜ କ୍ଷେପଣାସ୍ତ୍ର ବ୍ରହ୍ମୋସ୍‌କୁ ନେଇ ଏବେ ଭାରତ ବାହାରେ ଖୁବ୍ ଜୋର ଚର୍ଚ୍ଚା ଜାରି ରହିଛି । ଫିଲିପାଇନ୍ସର ସୋସିଆଲ ମିଡିଆରେ ବ୍ରହ୍ମୋସ୍ ଏବଂ ଭାରତ ଉଭୟେ ଯୁବଶକ୍ତିର ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛନ୍ତି । ଫିଲିପାଇନ୍ସର ଲୋକେ ବ୍ରହ୍ମୋସ୍‌ର ପ୍ରଥମ ଭାଗ୍ୟଶାଳୀ ଗ୍ରାହକ ହୋଇଥିବାରୁ ଭାରତପ୍ରତି କୃତଜ୍ଞତା ଜଣାଇଛନ୍ତି । ଅନ୍ୟ ଏସୀୟ ରାଷ୍ଟ୍ର ଭିଏତନାମ, ମାଲେସିଆ ଏବଂ ଥାଇଲାଣ୍ଡରେ ବ୍ରହ୍ମୋସ୍‌କୁ କେନ୍ଦ୍ରକରି ନାନାପ୍ରକାର ଆଲୋଚନା ଜାରି ରହିଛି । ସେସବୁ ଦେଶର ସରକାର ବ୍ରହ୍ମୋସ୍‌କୁ ନିଜର ପ୍ରତିରକ୍ଷା ବ୍ୟବସ୍ଥାରେ ସାମିଲ କରିବା ଉଚିତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ୨୮ ଜାନୁଆରୀ ଦିନ ଫିଲିପାଇନ୍ସର ନୌସେନା ପାଇଁ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଯୋଗାଇବାକୁ ଭାରତ ଓ ଫିଲିପାଇନ୍ସ ମଧ୍ୟରେ ବୁଝାମଣା ହୋଇଛି । ଚୀନ ନୌସେନା ଅନେକ ସମୟରେ ଫିଲିପାଇନ୍ସର ସମୁଦ୍ର ସୀମାରେ ଜବରଦସ୍ତ ପ୍ରବେଶ କରିବା ସହ କୌଣସି ପ୍ରକାର ଚେତାବନୀକୁ ଖାତିର କରୁନାହିଁ । ତେଣୁ ଫିଲିପାଇନ୍ସ ସରକାର ନିଜ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଭାରତ ଠାରୁ ବ୍ରହ୍ମୋସ୍ କ୍ରୟ କରିବା ପାଇଁ ଠିକ୍ କଲେ । ଏଥିପାଇଁ ତତ୍‌କାଳ ଅର୍ଥଦେବାକୁ ପଡୁନଥିବା ହେତୁ ଫିଲିପାଇନ୍ସର ଅନ୍ୟ ଏକ ସୁବିଧା ହେଲା । ଭାରତ ସରକାର ଦୀର୍ଘ ମିଆଦି ଋଣ ଯୋଗାଇ ଦେବାରୁ ସେହି ଅର୍ଥରେ ଭାରତଠାରୁ ନିୟମ ମୁତାବକ କ୍ଷେପଣାସ୍ତ୍ର କିଣିବା ପାଇଁ ଫିଲିପାଇନ୍ସ ସ୍ଥିରକଲା । କେବଳ ସେତିକି ନୁହେଁ ଏବେ ସ୍ଥଳସେନା ଏବଂ ବାୟୁସେନା ପାଇଁ ଆବଶ୍ୟକ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କ୍ରୟ ପାଇଁ ଫିଲିପାଇନ୍ସ ସେନାବାହିନୀରେ ଆଗ୍ରହ ପ୍ରକାଶ ପାଇବା ପରେ ଭାରତ ପକ୍ଷରୁ ମଧ୍ୟ ସକାରାତ୍ମକ ସୂଚନା ମିଳିଛି । ଫିଲିପାଇନ୍ସର ମାନିଲାଠାରେ ପ୍ରତିରକ୍ଷା ସଚିବ ଡେଲଫିନ୍ ଏନ୍ ଲୋରେଞ୍ଜାନାଙ୍କ ସହ ବ୍ରହ୍ମୋସ୍ ଏରୋସ୍ପେସ ଲିମିଟେଡ୍‌ର ନିର୍ଦ୍ଦେଶକ ଅତୁଲ ଦିନକର ରାଣେ ବୁଝାମଣାପତ୍ରରେ ହସ୍ତାକ୍ଷର କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଲୋରେଞ୍ଜାନା କହିଥିଲେ ଯେ ପଶ୍ଚିମ ଫିଲିପାଇନ୍ସ ସମୁଦ୍ରରେ ଅଧିକାର କ୍ଷୁର୍ଣ୍ଣ କଲାପରି କୌଣସି ପ୍ରକାର ଉଦ୍ୟମକୁ ପୃଥିବୀର ସର୍ବାଧିକ ଗତିମାନ ସୁପରସୋନିକ କ୍ରୁଜ ମୋବାଇଲ ବ୍ରହ୍ମୋସ୍ ଉଚିତ୍ ଜବାବ ଦେବ । ଏହାଦ୍ୱାରା ଫିଲିପାଇନ୍ସର ରାଷ୍ଟ୍ରୀୟ ସ୍ୱାର୍ଥ ଓ ସୀମା ସୁରକ୍ଷା ଦେବାକୁ ନୌସେନା ସକ୍ଷମ ହେବ । ଫିଲିପାଇନ୍ସର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ରରେ ଏହି କ୍ଷେପଣାସ୍ତ୍ର ବ୍ୟବସ୍ଥା ଆକ୍ରମଣ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ନଭେମ୍ବର ୨୦୨୧ରେ ଚୀନର ତଟରକ୍ଷକ ବାହିନୀ ଦକ୍ଷିଣ ଚୀନ ସାଗରରେ ଫିଲିପାଇନ୍ସ ନୌସେନା ଅଧିକାରୀଙ୍କୁ ଧମକ ଦେବାକୁ ପଛାଇନଥିଲେ । ୩୭୫ ମିଲିଅନ ଡଲାର ମୂଲ୍ୟର ଏହି ବୁଝାମଣା ପରେ ମାନିଲାରେ କାର୍ଯ୍ୟରତ ଭାରତର ରାଷ୍ଟ୍ରଦୂତ ଶମ୍ଭୁ କୁମାରନ୍ ଖୁସି ବ୍ୟକ୍ତ କରିଛନ୍ତି । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଏହି ବୁଝାମଣା ସହଯୋଗ ବୃଦ୍ଧି କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ମାରକ କ୍ଷମତା ୨୯୦କି.ମି. ଥିଲାବେଳେ ପରବର୍ତ୍ତୀ କାଳରେ ୪୦୦ରୁ ୬୦୦ କିଲୋମିଟର ଯାଏ ବୃଦ୍ଧି କରାଯାଇପାରିବ । ଓଡିଶାର ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ଘାଟିରେ ଆଇଏନ୍ଏସ୍ ବିଶାଖାପାଟ୍ଟନମ୍‌ରୁ ଚଳିତବର୍ଷ ଜାନୁଆରୀ ୧୧ ଓ ୨୦ ଦୁଇଦିନ ଧରି ଆଧୁନିକ ଶ୍ରେଣୀର ବିକଶିତ ବ୍ରହ୍ମୋସ୍‌କୁ ପରୀକ୍ଷା କରାଯାଇଥିଲା । ଏହା ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆରଡିଓ) ଏବଂ ରୁଷିଆର ଏନ୍‌ପିଓ ମାସିନୋ ସ୍ତ୍ରୋୟେନିକା ପକ୍ଷରୁ ମିଳିତ ଭାବେ ବିକଶିତ କରାଯାଇଛି । ଭାରତର ବ୍ରହ୍ମପୁତ୍ର ଓ ରୁଷିଆର ମୋସ୍‌କଭା ନଦୀର ନାମର ମିଶ୍ରଣରେ ବ୍ରହ୍ମୋସ୍‌ର ନାମକରଣ ହୋଇଛି । ୧୨ ଫେବୃଆରୀ ୧୯୯୮ରେ ବ୍ରହ୍ମୋସ୍ ଏରୋସ୍ପେସ୍ କମ୍ପାନୀ ସ୍ଥାପନା ହୋଇଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀଠାରେ




ରହିଛି । ଭାରତ ସରକାରଙ୍କ ଏହି ପ୍ରତିରକ୍ଷା କମ୍ପାନୀରେ ଭାରତର ଅଂଶ ୫୦.୫ ପ୍ରତିଶତ ରହିଛି । ୧୯୯୦ ଦଶନ୍ଧିର ଆରବଯୁଦ୍ଧ ପରେ ଏପ୍ରକାର କ୍ଷେପଣାସ୍ତ୍ର ଭାରତ ନିକଟରେ ରହିବା ଆବଶ୍ୟକ ବୋଲି ତତ୍‌କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଏପିଜେ ଅବଦୁଲ କଲାମ ଅନୁଭବ କରିଥିଲେ । ତେଣୁ ୧୯୯୮ରେ ରୁଷିଆର ତତ୍‌କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଏନ୍.ଭି ମିଖାଇଲୋଭଙ୍କ ସହ ମିଳିତ ଉତ୍ପାଦନ ପାଇଁ ବୁଝାମଣା କରିଥିଲେ । ପ୍ରଥମେ ତେଲେଙ୍ଗାନାର ହାଇଦ୍ରାବାଦଠାରେ ନିର୍ମାଣ କେନ୍ଦ୍ର ଆରମ୍ଭ ହୋଇଥିଲା । ପରେ କେରଳର ତ୍ରିଭେନ୍ଦ୍ରମସ୍ଥିତ କେରଳ ହାଇଟେକ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡକୁ ୨୦୦୭ରେ ଅଧିଗ୍ରହଣ କରିବା ପରେ କମ୍ପାନୀର ଦ୍ୱିତୀୟ ବିଶ୍ୱସ୍ତରୀୟ କ୍ଷେପଣାସ୍ତ୍ର ନିର୍ମାଣ ଓ ପରୀକ୍ଷଣ ବ୍ୟବସ୍ଥା ହାତକୁ ଆସିଥିଲା । ଆଗାମୀ ଦିନରେ କମ୍ପାନୀ ଉତ୍ତର ପ୍ରଦେଶର ଲକ୍ଷ୍ନୌ ନିକଟରେ ୨୦୦ ଏକର ଜମିରେ ବ୍ରହ୍ମୋସ୍ ଏନ୍‌ଜି ସ୍ଥାପନା କରି କ୍ଷେପଣାସ୍ତ୍ର ନିର୍ମାଣ କରିବାକୁ ଯାଉଛି । ଏହା କମ୍ପାନୀର ତୃତୀୟ ଉତ୍ପାଦନ କେନ୍ଦ୍ର ହେବ । ମହାରାଷ୍ଟ୍ରର ନାଗପୁର ନିକଟରେ ଅନ୍ୟ ଏକ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବାକୁ ଡିଆର୍‌ଡିଓ ପକ୍ଷରୁ ପ୍ରୟାସ ଜାରି ରହିଛି । କମ୍ପାନୀର ନେତୃତ୍ୱ ନେଇ ଡକ୍ଟର ଏ.ଶିବଥାନୁପିଲାଇ (୧୯୯୮-୨୦୧୪), ଡକ୍ଟର ସୁଧୀର କୁମାର ମିଶ୍ର (୨୦୧୪-୨୦୨୧), ଅତୁଲ ଦିନକର ରାଣେ (୨୦୨୧-ଅଦ୍ୟାବଧି) ବେଶ୍ ଭଲକାମ କରିଛନ୍ତି ।

ବ୍ରହ୍ମୋସ୍‌ର ଗବେଷଣା କାର୍ଯ୍ୟ ଜାରି ରହିଥିବା ବେଳେ ଅକ୍ଟୋବର ୨୦୧୧ରେ ଏହାର ମାର୍କ-୨ ଶ୍ରେଣୀର ନିର୍ମାଣ ଶେଷ ହୋଇଥିଲା । ୨୦୧୪ରେ ଭାରତ ମିସାଇଲ ଟେକ୍‌ନୋଲୋଜି କଣ୍ଟ୍ରୋଲ ରେଜିମ୍ (ଏମ୍‌ଟିସିଆର୍)ର ସଦସ୍ୟ ହେବା ପରେ ୩୦୦କି.ମି.ରୁ କମ୍ ମାରକ କ୍ଷମତା ବିଶିଷ୍ଟ କ୍ଷେପଣାସ୍ତ୍ର ନିର୍ମାଣର କଟକଣା ହଟିଥିଲା । ଯାହାଫଳରେ ୨୦୧୨ରୁ ମାର୍କ-୨ର ପରୀକ୍ଷଣ ସହ ଆଧୁନିକୀକରଣ ଜାରି ରହିଛି । ମାକ୍-୮ ମଡେଲର ମାରକ କ୍ଷମତା ୯୦୦କି.ମି. ହେବ ବୋଲି କୁହାଯାଉଛି । ରୁଷ ନୌସେନା ଡେଷ୍ଟ୍ରୟରରେ ବ୍ରହ୍ମୋସ-୨ କ୍ଷେପଣାସ୍ତ୍ର ଲଗାଯିବାକୁ ସ୍ଥିର ହୋଇଛି । ଏହା ଜଳ, ସ୍ଥଳ ଏବଂ ଆକାଶମାର୍ଗରୁ ନିକ୍ଷେପ କରାଯାଇପାରିବ । ଏପରିକି ବୁଡାଜାହାଜ (ସବ୍‌ମେରିନ୍)ରୁ ମଧ୍ୟ ଏହା ମାଡ କରାଯାଇପାରିବ । ବ୍ରହ୍ମୋସର କ୍ରୁଜ କ୍ଷେପଣାସ୍ତ୍ରକୁ ଭାରତର ତିନିସେନା ୨୦୧୯ରୁ ବ୍ୟବହାର କରିଆସୁଛି । ପ୍ରତିଟି କ୍ଷେପଣାସ୍ତ୍ରର ମୂଲ୍ୟ ପ୍ରାୟ ୨.୭୫ ମିଲିଅନ ଡଲାର କୁହାଯାଉଛି । ବ୍ରହ୍ମୋସର ରପ୍ତାନୀ ପାଇଁ ୨୯୦କି.ମି. ମଡେଲ ଥିଲା ବେଳେ ସ୍ଥଳ ଓ ଜଳରୁ ୮୦୦କି.ମି. ଏବଂ ୪୦୦କି.ମି ଆକାଶରୁ ମାଡ କଲାପରି ମଡେଲ ରହିଛି । ଏବେ ବ୍ରହ୍ମୋସ୍-୨ର ହାଇପରସୋନିକ ଶ୍ରେଣୀର ମାକ୍ ୭ରୁ ୮ ବେଗରେ ଗତି କରିପାରୁଥିବା କ୍ଷେପଣାସ୍ତ୍ର ନିର୍ମାଣ ଜାରି ରହିଛି, ଯାହା ୨୦୨୪ ବେଳକୁ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଯିବ । ପରେ ଏହାର ମାରକ କ୍ଷମତା ୧୫୦୦ କି.ମି.କୁ ବୃଦ୍ଧି କରାଯାଇ ପାରିବ ବୋଲି ଜଣାପଡିଛି ।

ବ୍ରହ୍ମୋସ୍‌ର ବିକାଶଧାରାକୁ ଲକ୍ଷ୍ୟକଲେ ଜଣାଯାଏ ଯେ, ୧୨ଜୁନ୍ ୨୦୦୧ରେ ଓଡିଶାର ପୂର୍ବଉପକୂଳରେ ଥିବା ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟୀରେ ଏହାର ପ୍ରଥମ ପରୀକ୍ଷଣ ହୋଇଥିଲା । ୧୪ ଜୁନ୍ ୨୦୦୪ରେ ଚାନ୍ଦିପୁରଠାରେ ମୋବାଇଲ ଲଞ୍ଚରରୁ ପରୀକ୍ଷା ହୋଇଥିଲା । ୫ ମାର୍ଚ୍ଚ ୨୦୦୮ରେ ବ୍ରହ୍ମୋସ୍‌ର ଜଳରୁ ସ୍ଥଳଭାଗକୁ ମାଡ କରାଯାଇ ପାରୁଥିବା କ୍ଷେପଣାସ୍ତ୍ରକୁ ଆଇଏନ୍ଏସ୍ ରାଜପୁତରୁ ପରୀକ୍ଷା କରାଯାଇଥିଲା । ଏହାର ସିଧାଆକାଶକୁ ଉଠୁଥିବା ପରୀକ୍ଷଣ ୧୮ ଡିସେମ୍ବର ୨୦୦୮ରେ ଆଇଏନ୍ଏସ୍ ରଣବୀରରୁ ହୋଇଥିଲା । ଡିସେମ୍ବର ୨୦୦୪, ମାର୍ଚ୍ଚ ୨୦୦୭ରେ ରାଜସ୍ଥାନର ପୋଖରାନ ମରୁଭୂମିରେ ସ୍ଥଳସେନା ପକ୍ଷରୁ ବ୍ରହ୍ମୋସ୍ତ୍ର-୧ର ପରୀକ୍ଷଣ ହୋଇଥିଲା । ୨୦ ଜାନୁଆରୀ ୨୦୦୯ରେ ଏହା ପ୍ରଥମ ଥର ପାଇଁ ପରୀକ୍ଷଣ ବେଳେ ବିଫଳ ହୋଇଥିଲା । ସେତେବେଳେ ୧୧୨ ସେକେଣ୍ଡ ବଦଳରେ ୮୪ସେକେଣ୍ଡ ଗତିକରି ଲକ୍ଷ୍ୟସ୍ଥଳରୁ ୭କି.ମି. ଦୂରରେ କ୍ଷେପଣାସ୍ତ୍ର ପଡିଥିଲା । ତେଣୁ ୨୯ମାର୍ଚ୍ଚ ୨୦୦୯ରେ ପୁନର୍ବାର ପରୀକ୍ଷଣରେ ଲକ୍ଷ୍ୟଭେଦ କରିବାରେ ବ୍ରହ୍ମୋସ୍ ସଫଳ ହୋଇଥିଲା । ୫ ସେପ୍ଟେମ୍ବର ୨୦୧୦ରେ ଗତିପଥ ବଦଳାଇବାକୁ ସକ୍ଷମ ହେବା ସହ ପ୍ରଥମ କ୍ରୁଜ କ୍ଷେପଣାସ୍ତ୍ର ସୁପରସୋନିକ୍ ଗତିରେ ଯାଇ ରେକର୍ଡ ସୃଷ୍ଟି କରିଥିଲା । ୨୨ ମାର୍ଚ୍ଚ ୨୦୧୮ ଏବଂ ୩୦ ସେପ୍ଟେମ୍ବର ୨୦୧୯ରେ ବ୍ରହ୍ମୋସର ଉନ୍ନତ ସଂସ୍କରଣର ପରୀକ୍ଷଣ ହୋଇଥିଲା । ୩୦ ସେପ୍ଟେମ୍ବର ୨୦୨୦ରେ ବ୍ରହ୍ମୋସ ସୁପରସୋନିକ କ୍ରୁଜ ଶ୍ରେଣୀର କ୍ଷେପଣାସ୍ତ୍ର ପରୀକ୍ଷା ହୋଇଥିଲା ଯାହା ୪୦୦କି.ମି ଦୂରରେ ଥିବା ଲକ୍ଷ୍ୟକୁ ଭେଦ କରିଥିଲା । ଏହି ପରୀକ୍ଷଣ ଭାରତୀୟ ବୁଷ୍ଟର ସହ ଚାନ୍ଦିପୁରଠାରେ ହୋଇଥିଲା । ସେହିପରି ସବ୍‌ମେରିନ ପାଇଁ ନିର୍ମିତ କ୍ଷେପଣାସ୍ତ୍ର ପ୍ରଥମେ ବିଶାଖାପାଟ୍ଟନମ୍ କୂଳରେ ୨୦ ମାର୍ଚ୍ଚ ୨୦୧୩ରେ ପରୀକ୍ଷା ହୋଇଥିଲା । ବାୟୁସେନା ପାଇଁ ଉପଯୋଗୀ ବ୍ରହ୍ମୋସ-ଏ କ୍ଷେପଣାସ୍ତ୍ର ଯାହାର ୫୦୦କିମି ଗତି କରି ପାରିବା କ୍ଷମତା ରହିଛି, ସୁଖୋଇ -୩୦ରେ ଲଗାଯିବା ପରି ବ୍ୟବସ୍ଥା ହେଲା । ଅଢେଇ ଟନ୍‌କୁ କ୍ଷେପଣାସ୍ତ୍ର ଓଜନ ହ୍ରାସ କରାଗଲା । ୧୪କିମି ଉପରୁ ଏହାକୁ ଛଡାଯିବାର ସଫଳ ପରୀକ୍ଷା ହେଲା । ୨୦୧୫ରେ ଭାରତର ବାୟୁସେନାର ତିନି ସ୍କ୍ୱାର୍ଡନକୁ ବ୍ରହ୍ମୋସଯୁକ୍ତ କରିବା ପାଇଁ ଉଦ୍ୟମ ହେଲା । ୨୦ ଜାନୁଆରୀ ୨୦୨୦ରେ ସୁଖୋଇ ୩୦ଏମ୍‌କେଆଇ, ପ୍ରଥମ ସ୍କ୍ୱାର୍ଡନ ବ୍ରହ୍ମୋସଯୁକ୍ତ ହେଲା । ୮ ଡିସେମ୍ବର ୨୦୨୧ରେ ଭାରତୀୟ ବାୟୁସେନା ବ୍ରହ୍ମୋସ-ଏ ପରୀକ୍ଷଣ କରିବା ପରେ ଏବେ ବହୁସଂଖ୍ୟାରେ ନିର୍ମାଣ ହେବ ବୋଲି ଜଣାପଡିଛି । ୮ ଡିସେମ୍ବର ୨୦୨୧ରେ ଭାରତର ବାୟୁସେନା, ୧୧ ଜାନୁଆରୀ ୨୦୨୨ରେ ନୌସେନା ଏବଂ ୨୦ ଜାନୁଆରୀ ୨୦୨୨ରେ ଡିଆର୍‌ଡିଓ ସଫଳତାର ସହ ବ୍ରହ୍ମୋସ୍‌ର ପରୀକ୍ଷଣ ସାରିଛନ୍ତି । ବ୍ରହ୍ମୋସ ଏନ୍‌ଜି ପରବର୍ତ୍ତୀ ପିଢିର କ୍ଷେପଣାସ୍ତ୍ର ୩.୫ ମାକ୍ ଗତି ସହ୧.୫ଟନ୍ ଓଜନ ଓ ୫ମିଟର ଲମ୍ବା, ୫୦ସେମି ଓସାର ବିଶିଷ୍ଟ ହାଲୁକା ସଂସ୍କରଣର ନିର୍ମାଣ ପାଇଁ କାର୍ଯ୍ୟ ଚାଲିଛି ଯାହା ୨୦୨୪ରେ ଭାରତୀୟ ସେନାବାହିନୀରେ ସାମିଲ ହେବ । ଉତ୍ତର ପ୍ରଦେଶରୁ ଭାରତର ବାୟୁସେନା ପାଇଁ ୪୦୦ କ୍ଷେପଣାସ୍ତ୍ର ୮୦୦୦କୋଟି ବ୍ୟୟରେ ନିର୍ମାଣ କରାଯିବ, ଯାହା ୨୦୨୨ ଶେଷ ବେଳକୁ ମିଳିଯିବ ବୋଲି ଜଣାପଡିଛି । ଏବେ ଫିଲିପାଇନ୍ସ ବ୍ରହ୍ମୋସର ପ୍ରଥମ ଗ୍ରାହକ ହୋଇଥିଲେ ହେଁ ଦକ୍ଷିଣ କୋରିଆ, ଆଲଜେରିଆ, ଗ୍ରୀସ, ମାଲେସିଆ, ଥାଇଲାଣ୍ଡ, ଇଜିପ୍ଟ, ସିଙ୍ଗାପୁର ଏବଂ ବୁଲଗେରିଆକୁ ଏହାର ବିକ୍ରି ପାଇଁ ଆଲୋଚନା ଜାରି ରହିଛି । ତେଣୁ ଆଗାମୀ ଦିନରେ ବିଶ୍ୱର ଆହୁରି ଅନେକ ଦେଶ ଏହା କିଣିବାକୁ ଆଗ୍ରହ ପ୍ରକାଶ କରିବେ, ଏଥିରେ ସନ୍ଦେହ ନାହିଁ ।

## ସଂପାଦକୀୟ

# ଚାଲିଛି ପଞ୍ଚାୟତ ନିର୍ବାଚନ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରୀତିମତ ଚାଲିଛି । ଗ୍ରାମାଂଚଳରେ ଭୋଟଦାନରେ ଲୋକଙ୍କ ଆଗ୍ରହ ବି ବେଶ୍ ବୃଦ୍ଧି ପାଇଥିବା ଅନୁମାନ କରାଯାଉଛି । ତେବେ ଏହି ସମୟରେ ଗ୍ରାମବାସୀମାନେ ଅତ୍ୟନ୍ତ ସଚେତନ ହେବା ଏକାନ୍ତ ଅପରିହାର୍ଯ୍ୟ । ଯେଉଁ ପ୍ରତିନିଧିମାନେ ନିର୍ବାଚିତ ହୋଇ ବିଜୟୀ ହେବେ, ସେମାନଙ୍କ ହାତରେ ରହିବ ଗ୍ରାମାଂଚଳର ସାମୁହିକ ବିକାଶର ଦାୟିତ୍ୱ । ସେ ଦିଗ ପ୍ରତି ଭୋଟର୍‌ମାନେ ସଚେତନ ହେବା ଏକାନ୍ତ ଅପରିହାର୍ଯ୍ୟ । କାରଣ ଯଦି ଭୁଲରେ ଜଣେ ଭୁଲ ମଣିଷ ଗ୍ରାମାଂଚଳର ପ୍ରତିନିଧି ଭାବେ ନିର୍ବାଚିତ ହୋଇଯାଆନ୍ତି, ତେବେ ଦୀର୍ଘ ପାଂଚ ବର୍ଷ କାଳ ସଂପୃକ୍ତ ଗ୍ରାମାଂଚଳର ସାମୁହିକ ବିକାଶ ଉପରେ ବ୍ରେକ୍ ଲାଗି ଯାଇପାରେ । ଏଣୁ ଭୋଟର୍‌ମାନେ ନିଜ ନିଜ ପ୍ରତିନିଧି ବାଛିବା ଦିଗରେ ନିଷ୍ଠୁର ଭାବରେ ସଠିକ୍ ନିଷ୍ପତ୍ତି ଗ୍ରହଣ କରିବା ବାଂଛନୀୟ ।

ଅନ୍ୟପକ୍ଷରେ ଭୋଟ ଦେବାର ଅଧିକାର ସାବ୍ୟସ୍ତ କରିବା ସମସ୍ତ ନାଗରିକଙ୍କ ପ୍ରଧାନ କର୍ତ୍ତବ୍ୟ । ଏଥିପ୍ରତି ସମସ୍ତେ ସଚେତନ ହେବା ଉଚିତ । କେଉଁ ପ୍ରାର୍ଥୀ କିଭଳି ଭୋଟର୍‌ଙ୍କୁ ଆକର୍ଷଣ କରିବେ, ସେମାନେ ନାନା ପ୍ରକାର ଫନ୍ଦି ଫିକର କରି ଭୋଟର୍‌ଙ୍କ ସାମ୍ନାକୁ ଆସିବେ, ଏଥିରେ ସଂଦେହ ନାହିଁ । କିନ୍ତୁ କିଏ ସତ୍, କିଏ ଅସତ୍... ତାହା ବାଛିବାର କାମ ହେଉଛି ବ୍ୟକ୍ତିଗତ ଭାବେ ଜଣେ ଭୋଟର୍‌ଙ୍କ । କୌଣସି ବି ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ଭୋଟ ଦେବା ନିହାତି ଦରକାର । ଆଗକୁ ମାତ୍ର ଆଉ ଦୁଇଟି ପର୍ଯ୍ୟାୟ ଭୋଟଗ୍ରହଣ ବାକି ରହିଛି । ଯେଉଁ ଅଂଚଳ ଗୁଡ଼ିକରେ ଆଗାମୀ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ, ସେ ଅଂଚଳବାସୀ ସଚେତନ ହୋଇ ଭୋଟ ଦିଅନ୍ତୁ ଏବଂ ଠିକ୍ ପ୍ରତିନିଧି ଚୟନ କରି ଏକ ସୁସ୍ଥ ଓ ସମୃଦ୍ଧ ବାତାବରଣ ପାଇଁ ନିଜର ଯୋଗଦାନ ସାବ୍ୟସ୍ତ କରନ୍ତୁ । ଏହାଦ୍ୱାରା ସମୃଦ୍ଧ ଗ୍ରାମାଂଚଳ ସହ ସମୃଦ୍ଧ ଭାରତ ଗଠନ ପାଇଁ ଦ୍ୱାର ଉନ୍ମୁକ୍ତ ହେବ । ଆମ ଦେଶ ଆହୁରି ସମୃଦ୍ଧ ହୋଇ ସାରା ବିଶ୍ୱରେ ସୁନାମ ଅର୍ଜନ କରି ପାରିବ, ଏଥିରେ ତିଳେମାତ୍ର ସଂଦେହ ନାହିଁ ।

# ଆମେରିକା ପାକିସ୍ତାନକୁ ଲାଲ ତାଲିକାରେ ରଖି ଭାରତ ଉପରେ ନରମତା ଦେଖାଇଲା

ୱାଶିଂଟନ୍ : ଧାର୍ମିକ ସ୍ୱାଧୀନତାକୁ ଉଲ୍ଲଂଘନ କରୁଥିବା ଦେଶମାନଙ୍କ ପାଇଁ ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କନ୍ ଗତ ବୁଧବାର ଦିନ 'କନ୍‌ଟ୍ରି ଅଫ୍ ପାର୍‌ଟିକୁଲାର୍ କନ୍‌ସର୍ନ'ର ଏକ ତାଲିକା ପ୍ରକାଶ କରିଛନ୍ତି । ଧାର୍ମିକ ସ୍ୱାଧୀନତାର ମୂଲ୍ୟାଙ୍କନ କରୁଥିବା ଆମେରିକୀୟ ପ୍ୟାନେଲ୍, ଆନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ଉପରେ ଆମେରିକାର କମିଶନ ଏହି ତାଲିକାରେ ଭାରତର ନାମ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିବା ବେଳେ ଏହା ସତ୍ତ୍ୱେ ବାଇଡେନ୍ ପ୍ରଶାସନ ଏହି ତାଲିକାରେ ଭାରତର ନାମକୁ ଅନ୍ତର୍ଭୁକ୍ତ କରିନାହିଁ ପାକିସ୍ତାନ, ଚୀନ୍, ତାଲିବାନ, ଇରାନ, ରୁଷ୍, ସାଉଦି ଆରବ, ଇରିଟ୍ରିଆ, ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ବର୍ମା ସମେତ ୧୦ଟି ଦେଶ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି ।

ପ୍ରତିବର୍ଷ ଆମେରିକା ଦେଶ ଏବଂ ସଂଗଠନର ଏକ ତାଲିକା ପ୍ରକାଶ କରେ, ଯାହା ଆମେରିକାର ଆନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ଆଇନର ମାନଦଣ୍ଡ ପୂରଣ କରେନାହିଁ । ଏଥିସହ ଆମେରିକା ଆଲଜେରିଆ, କୋମୋରୋସ୍, କ୍ୟୁବା ଏବଂ ନିକାରାଗୁଆକୁ ଏକ ସ୍ୱତନ୍ତ୍ର ୱାଚ୍ ତାଲିକାରେ ସ୍ଥାନୀତ କରିଛି, ଯାହା ଧାର୍ମିକ ସ୍ୱାଧୀନତାର ଗୁରୁତର ଉଲ୍ଲଂଘନ ସହିତ ଜଡିତ ଅଛି ।

# ଯାଦବ ଭବନଠାରେ ଯୁବକମାନଙ୍କ ସୁସ୍ଥତା, ସକରାତ୍ମକ ଜୀବନଶୈଳୀ ଏବଂ ଫିଟ୍ ଇଣ୍ଡିଆର ତାଲିମ ଶିବିର ଅନୁଷ୍ଠିତ



ବଲାଙ୍ଗିର, (କେପିଏନ୍ଏସ୍) : ସ୍ଥାନୀୟ ଯାଦବ ଭବନଠାରେ ନେହେରୁ ଯୁବ କେନ୍ଦ୍ର ଏବଂ ସ୍ମାଇଲ ଫର୍ ଅଲ୍ ଫାଉଣ୍ଡେସନର ମିଳିତ ଉଦ୍ୟମରେ ଯୁବକମାନଙ୍କ ସୁସ୍ଥତା, ସକରାତ୍ମକ ଜୀବନଶୈଳୀ ଏବଂ ଫିଟ୍ ଇଣ୍ଡିଆର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରସରାଜ ଅଚ୍ୟୁତ ପୁରୋହିତ, ସମ୍ମାନିତ ଅତିଥି ଭାବେ ଉଦ୍ୟୋଗପତି ଅଶୋକ ମେହେର, ଗାୟତ୍ରୀ କଲେଜର ହିମାନୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିବା ବେଳେ ନେହେରୁ ଯୁବ କେନ୍ଦ୍ରର ଏଭି ନରସିଂହା କୁମାର, ବିପିନ ଜେନା, ସ୍ମାଇଲ ଫର୍ ଅଲ୍ ଫାଉଣ୍ଡେସନର ସଞ୍ଜିବ କୁମାର ସାହୁ, ଆଇସିଟିସି କାଉନସିଲର୍ ସଂଗ୍ରାମ ରଣା ପ୍ରମୁଖ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ଜଣ ଯୁବକ ଭାଗ ନେଇଥିବା ବେଳେ ନେହେରୁ ଯୁବ କେନ୍ଦ୍ରର ବଳିଆର ସିଂ ବସ୍ତିଆଙ୍କ ସହ ସ୍ମାଇଲ ଫର୍ ଅଲ୍‌ର ସୁଜାତା ଚନ୍ଦନ, ରବି ଚାନ୍ଦ, ରାଣା ବଗର୍ତ୍ତୀ, ଅମିୟ ସେଠ୍, ସୌଭାଗ୍ୟ ବେହେରା, ସିବୁ ବଗର୍ତ୍ତୀ, ରଂଜୁ ନାଏକ, ବର୍ଷି ବିଶ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବଲାଙ୍ଗିର ଭୀମଡୁଙ୍ଗୁରୀଠାରେ ପର୍ଯ୍ୟଟକମାନଙ୍କ ପାଇଁ ନୌଚାଳନା ବ୍ୟବସ୍ଥା ହେବ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାର ଐତିହ୍ୟ ସ୍ଥଳୀ ଭୀମଡୁଙ୍ଗୁରୀ ଠାରେ ବଲାଙ୍ଗିର ବନଖଣ୍ଡ ଅଧିକାରୀ ନିତିଶ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପର୍ଯ୍ୟଟକମାନଙ୍କ ପାଇଁ ନୌଚାଳନାର ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ଭୀମଡୁଙ୍ଗୁରୀଠାରେ ଥିବା ପ୍ରତ୍ୟେକ ଗୁମ୍ଫାକୁ ସଂଲଗ୍ନ କରାଯାଇଛି । ପାହାଚ ନିର୍ମାଣ କରି ପାହାଚ ଟାଇଲ୍ସ ଓ ଷ୍ଟିଲ୍ ରେଲିଂ ଲଗାଯାଇଥିବା ବେଳେ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା ପାଇ ଅଣ୍ଟା ଭିଡ଼ିଛି ବଲାଙ୍ଗିର ବନ ବିଭାଗ ବୋଲି ସୂଚନା ଦେଇଛନ୍ତି ବଲାଙ୍ଗିର ରେଞ୍ଜର କେଶବ କିଶୋର ନାୟକ ।

# ଛତ୍ରପୁର : କଣମଣା ଗ୍ରାମପଞ୍ଚାୟତ ପାଇଁ ବିଜେଡିକୁ ଅଡୁଆର ସମ୍ମୁଖୀନ ହେବା ଆଶଙ୍କା



ବ୍ରହ୍ମପୁର, (ନିପ୍ର) : ଦ୍ୱିତୀୟ ପର୍ଯ୍ୟାୟରେ ଭୋଟଗ୍ରହଣ ଅନୁଷ୍ଠିତ ହେଉଥିବା ଛତ୍ରପୁର ବ୍ଲକ୍ ଅନ୍ତର୍ଗତ କଣମଣା ଗ୍ରାମପଞ୍ଚାୟତ ପାଇଁ ବିଜେଡିକୁ ଅଡୁଆର ସମ୍ମୁଖୀନ ହେବା ସମ୍ଭାବନା ଦେଖାଦେଇଛି । ସର୍ବମୋଟ ୬୦୧୭ ଜଣ ଭୋଟର ଥିବା ଏହି ପଞ୍ଚାୟତରେ ୨୯୨୦ ପୁରୁଷ ଓ ୩୦୯୭ ଜଣ ମହିଳା ଭୋଟର ଅଛନ୍ତି । ତେବେ ରାତାରାତି ଟଙ୍କା, ପଇସା, ମଦ, ମାଛ, ମାଂସ ଦେଇ ଭୋଟରଙ୍କ ମନ ବଦଳାଇଦେବା ଏଠି ସହଜ ନୁହେଁ । ବିଜେଡିର ଭୋଟ ପ୍ରଚାର ତ ଜୋର୍‌ସୋର୍‌ରେ ଚାଲିଛି, ତେବେ କଣମଣା ପଞ୍ଚାୟତରେ ମହିଳା(ଏସ୍‌ସି) ସ୍ଥାନ ସଂରକ୍ଷଣ ଥିବା ବେଳେ ଏଠି ସରପଞ୍ଚ ଭାବେ ୪ ଜଣ ମହିଳା ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ତିନିଜଣ ପ୍ରାର୍ଥିନୀ ବିଜେଡି ସମର୍ଥିତ ବୋଲାଉଥିବା ହେତୁ ଏହି ଆସନ ପାଇଁ କାହାକୁ ଭୋଟ ଦେବେ ବୋଲି ଲୋକେ ଦ୍ୱନ୍ଦରେ ପଡିଛନ୍ତି । ଏହା ଏକ ସ୍ୱାଭାବିକ ମତବ୍ୟକ୍ତ ବିଷୟ ହୋଇଥିଲେ ମଧ୍ୟ ଏଠାରେ ଏହି ସୂତ୍ର ମହଙ୍ଗା ପଡିପାରେ । ଅନ୍ୟପକ୍ଷରେ ଏହି ସରପଞ୍ଚ ଆସନରେ ଜଣେ ପ୍ରତିଦ୍ୱନ୍ଦି ସ୍ୱାଧୀନପ୍ରାର୍ଥୀ ବୋଲାଉଥିବା ପ୍ରମିଳା ବେହେରା ବାଜି ମାରିବା ସୁଯୋଗ ପ୍ରତିଫଳନ ହେଉଥିବା ଦେଖାଯାଏ । ଯାହାକି ଏଠାକାର ମହିଳାମାନେ ଖୁବ ବିଚକ୍ଷଣ । ଏଠାକାର ମହିଳାମାନେ ଅଧିକ ପରିଶ୍ରମୀ ଏବଂ ରୋଜଗାର କ୍ଷମତାରେ ଖୁବ ଦକ୍ଷତା ରହିଛି । ଏଠିକାର ମହିଳାମାନଙ୍କ ଚିନ୍ତାଧାରା ପୁରୁଷମାନଙ୍କ ଠାରୁ ଅନେକ ଗୁଣରେ ଉନ୍ନତ ମନେହୁଏ । ଏଠାକାର ମହିଳାମାନେ ନିଜେ ନିଜର ବାଡ଼ିବଗିଚା କଥା ବୁଝନ୍ତି ଏବଂ ତହିଁରେ ପରିଶ୍ରମ କରନ୍ତି, ଏପରିକି ସ୍ଥାନୀୟ କଳକାରଖାନା ଆଇଆରଇ ଗୋପାଳପୁର ବନ୍ଦର ଜାହାଜ ଓ ଟିଟାନିୟମ ଭଳି କମ୍ପାନୀ ମାନଙ୍କରେ ଠିକା ଶ୍ରମିକ ଭାବେ ଏବଂ ମତ୍ସ୍ୟଜୀବୀ ଜାତିର ଲୋକେ ସମୁଦ୍ରରେ ମାଛ ଧରିବା ଆଦି କାର୍ଯ୍ୟରେ ଏବଂ ଦିନମଜୁରିଆ ଭାବେ ମଧ୍ୟ ଅନେକ ନିୟୋଜିତ ଅଛନ୍ତି । ତେଣୁ ଏଠାକାର ମହିଳାମାନେ ଖୁବ ସାହସୀ ଅଟନ୍ତି । ଛତ୍ରପୁର ସହରତଳି ଅଞ୍ଚଳ ଭାବେ ସହରକୁ ଲାଗିରହିଥିବା ଅଞ୍ଚଳ ହେଉଛି ପୁରୁଣାଛତ୍ରପୁର ଅଟେ । ଏହି ଅଞ୍ଚଳରେ ଆଇଆରଇ ଏବଂ ଗୋପାଳପୁର ବନ୍ଦର ସହ ଅନେକ ଶିଳ୍ପ-ବିକଶିତର ସଂଯୋଗ ଥିବା ଅଞ୍ଚଳ ଯୋଗୁଁ ଅନେକ ମହିଳା ଖୁବ ସଚେତନଶୀଳ ଅଟନ୍ତି । ଏଠାରେ ମହିଳା ଭୋଟର ଅଧିକ ଥିବା ସାଂଗକୁ ମହିଳାମାନେ ଏକପ୍ରକାର ପରିବର୍ତ୍ତନତା ପାଇଁ ଚାହିଁଛନ୍ତି, ଯାହା ଜଣେ ଉପଯୁକ୍ତ ନେତା ଅବା ଆମ ପାଇଁ ଭଲ ସରପଞ୍ଚ ଲୋଡ଼ା ବୋଲି ଅଧିକାଂଶ ମହିଳା ଭୋଟରମାନେ କହନ୍ତି । ଏକ ସର୍ବେକ୍ଷଣରେ ଜଣାଯାଇଛି ଯେ, ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ୍ ଅନ୍ତର୍ଗତ କଣମଣା ଗ୍ରାମପଞ୍ଚାୟତ ଅଧୀନରେ ପୁରୁଣାଛତ୍ରପୁର, ତରେଇପାଟପୁର, ଟାକିରିଆ- ବ୍ରହ୍ମପୁର, କଣମଣା ଏବଂ ମାଟିଖାଲ ଗ୍ରାମକୁ ନେଇ ଗଠିତ କଣମଣା ଗ୍ରାମପଞ୍ଚାୟତ ଗଠିତ ହୋଇଅଛି । ଏହି ଗ୍ରାମପଞ୍ଚାୟତରେ ବିଜେଡି ସମର୍ଥକ ଭାବେ ପ୍ରଚାର କରୁଥିବା ୩ ଜଣ ସରପଞ୍ଚ ପ୍ରାର୍ଥିନୀଙ୍କ ସହ ସ୍ୱାଧୀନଭାବେ ଜଣେ ପ୍ରାର୍ଥିନୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଯାହାକି ଅଧୂନା ବିଜେଡି ସରପଞ୍ଚ ଚକ୍ରପାଣି ରେଡ୍ଡୀଙ୍କ ନେତୃତ୍ୱରେ ଖୋଲାଛତା ଚିହ୍ନରେ ବି.ଦମୟନ୍ତୀ ପାତ୍ର(ଟାକିରିଆ-ବ୍ରହ୍ମପୁର), ଧର୍ମାରେଡ୍ଡୀଙ୍କ ନେତୃତ୍ୱରେ ସୂର୍ଯ୍ୟ ଚିହ୍ନରେ ବିଜୟଲକ୍ଷ୍ମୀ ବେହେରା (ପୁରୁଣାଛତ୍ରପୁର) ଓ ଅନ୍ୟଜଣେ ପ୍ରାର୍ଥିନୀ ଖୋଲାବହି ଚିହ୍ନରେ ନିଳାନ୍ଦ୍ରୀ ପ୍ରଧାନ (ମାଟିଖାଲ) ଏବଂ ସ୍ୱାଧୀନ ଭାବେ ସମାଜସେବୀ ଭାଗିରଥି ବେହେରାଙ୍କ ନେତୃତ୍ୱରେ ତାଙ୍କ ସହଧର୍ମିଣୀ ମାଛ ଚିହ୍ନରେ ପ୍ରମିଳା ବେହେରା ପ୍ରତିଦ୍ୱନ୍ଦିତା କରୁଛନ୍ତି । ପ୍ରମିଳା ବେହେରା ପୁରୁଣାଛତ୍ରପୁର ବେଶ ଜଣାଶୁଣା ଲୋକଭାବେ ପରିଚିତ ବୋଲି କୁହାଯାଏ । ତେବେ ଯେଉଁ ତିନିଜଣ ବିଜେଡି ସମର୍ଥକ ବୋଲି କୁହାଯାଉଛି, ସେମାନେ ତାଙ୍କରି ପ୍ରଚାରରେ ଓ ପ୍ରାଚୀର ପତ୍ରରେ ବିଜେଡି ବିଧାୟକ, ସାଂସଦ ଓ ନବୀନବାବୁଙ୍କ ଫଟୋ ଛାପିଥିବା ଦେଖିବାକୁ ମିଳିଛି । ବାସ୍ତବିକ ବିଜେଡି ସମର୍ଥକ ବୋଲାଉଥିବା ଏହି ତିନିଜଣ ସରପଞ୍ଚ ପ୍ରାର୍ଥିନୀଙ୍କ ଭୋଟ ଭାଗ ଭାଗ ହୋଇଯିବ । ଗତ ୧୪ ତାରିଖଦିନ ବରିଷ୍ଠ ନେତା ପୂର୍ବତନ ଉପ-ବାଚସ୍ପତି ରାମଚନ୍ଦ୍ର ପଣ୍ଡା ପ୍ରଚାର ଶୋଭାଯାତ୍ରାରେ ଆସି ବିଜୟଲକ୍ଷ୍ମୀ ବେହେରାଙ୍କୁ ସୂର୍ଯ୍ୟ ଚିହ୍ନରେ ମୋହର ମାରି ଭୋଟ ଦେବା ପାଇଁ ପ୍ରଚାର କରିଥିବା ବେଳେ ଅନ୍ୟ ଦୁଇଜଣଙ୍କ ପାଇଁ କୌଣସି ବରିଷ୍ଠନେତା ବୁଧବାର ସନ୍ଧ୍ୟାସୁଦ୍ଧା ଭୋଟପ୍ରଚାରରେ ବୁଲିବା ଦେଖାଯାଇନି । ମୋଟାମୋଟି ଭାବେ କହିବାକୁ ହେଲେ ସ୍ପଷ୍ଟଭାବେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷଲୋକ ମିଳିତ ଭାବେ ପ୍ରଚାର ଶୋଭାଯାତ୍ରାରେ ନାଚ ଗୀତ ସହ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଭୋଟ ପ୍ରଚାର କରି ଗାଁ ଗାଁ ଘର ଘର ବୁଲି ବୁଲି ଶ୍ରୀମତୀ ପ୍ରମିଳା ବେହେରାଙ୍କୁ ମାଛଚିହ୍ନରେ ଭୋଟ ଦେବା ଏକ ନିଆରାଢଙ୍ଗରେ ପ୍ରଚାର କରିବା ଦେଖିବାକୁ ମିଳିଥିଲା । ଯାହା ଶ୍ରୀମତୀ ପ୍ରମିଳା ବେହେରାଙ୍କୁ ଦଳଗତ ନିର୍ବିଶେଷରେ ବାଜିମାତ ହେବା ଆଡକୁ ଆଶା କରାଯାଉଛି, ଯାହା ଜନମତ ମିଳୁଛି । ଏହାକୁ ଭିତ୍ତିକରି ରାଜନୈତିକ ବାତାବରଣ ଭିନ୍ନମୋଡ଼କୁ ଆସିଥିବା ଦେଖାଦେଇଛି । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦ ତାରିଖରେ ହେବାକୁ ଥିବା ବେଳେ ଭୋଟ ପ୍ରଚାର ଖୁବ ସରଗରମ ହୋଇଥିବା ଦେଖାଦେଇଛି । ଭୋଟଗ୍ରହଣ ଦିନ ପାଖେଇ ଆସିଥିବା ବେଳେ ରାଜନୈତିକ ବାତାବରଣ ସେତିକି ଉଷ୍ମତାବୃଦ୍ଧି ପାଇବାରେ ଲାଗିଛି । ଏହି ପଞ୍ଚାୟତରେ ନିର୍ବାଚନ ପ୍ରଚାରରେ ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦିତା ଏକ ପ୍ରକାର ଜଟିଳ ସମସ୍ୟା ଦେଖିବାକୁ ମିଳିଛି । ଯେତିକି କୁଟିଳ ସେତିକି ବିଭ୍ରାନ୍ତିକର ମନେ ହେଉଛି । ସୂଚନାଯୋଗ୍ୟ ଯେ, ଏହି ପଞ୍ଚାୟତ ପାଇଁ ବିଜେଡି ସମର୍ଥକ ସରପଞ୍ଚ ପ୍ରାର୍ଥୀଙ୍କ ବାଜିମାତ କରିବା କଷ୍ଟକର ହୋଇପାରେ ବୋଲି ଅନୁମାନ କରାଯାଇଛି । ଯାହା ସୂଚନା ମୁତାବକ ସ୍ଥାନୀୟ ଭୋଟରଙ୍କ ଠାରୁ ଆମ ପ୍ରତିନିଧି ଏହି ମୌଳିକ ତଥ୍ୟରୁ ଦୃଷ୍ଟାନ୍ତ ମୂଳକ ପ୍ରମାଣ ଉଦ୍ଧାର କରିଛନ୍ତି ।

# ଗାଁ ରାସ୍ତା ଆଉ ନିର୍ମାଣ ହେବ କେବେ ?



ତୁରେକେଲା, (ନିପ୍ର) : ବଡଡକଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ବସ୍ତି ଛକରୁ ଘୁନେଶ ଯାଇଥିବା ପିଡବ୍ଲୁଡି ରାସ୍ତା ଓ ବସ୍ତି ଛକରୁ ନାଗଫେନା ଯିବା ରାସ୍ତା ଏବଂ ବସ୍ତି ଛକରୁ ଗୁର୍ଲାଉଡା ଯିବାକୁ ଥିବା ରାସ୍ତା ଅତି କଦର୍ଯ୍ୟ ଓ ଶୋଚନୀୟ ହୋଇ ପଡିଥିବା ଅଭିଯୋଗ ହେଉଛି । ଅନେକ ଥର ସରପଞ୍ଚଙ୍କୁ ଜଣାଇଥିଲେ ସୁଦ୍ଧା ଏ ଯାଏଁ ଆମ ଗାଁର ରାସ୍ତା ନିର୍ମାଣ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଭଳି ଅନେକ ସରପଞ୍ଚ ହେବା ପରେ ମଧ୍ୟ ଆମ ଗାଁର ବିକାଶ ହୋଇପାରିନାହିଁ ବୋଲି ଗ୍ରାମର ସମସ୍ତ ଏସ୍‌ଏଚ୍‌ଜି ମହିଳାମାନେ କହିଥାନ୍ତି ।

ଗ୍ରାମବାସୀ କହିଥାନ୍ତି ଯେ, ଆମ ଗାଁର ରୋଗୀଙ୍କୁ ଡାକ୍ତରଖାନା ନେବାକୁ ଗଲେ କୌଣସି ପ୍ରକାର ଚାରିଚକିଆ ଯାନ ଯା' ଆସ କରିପାରେ ନାହିଁ, ବର୍ଷାଦିନେ ସମ୍ପୂର୍ଣ୍ଣ ଭାବେ କାଦୁଅରେ ଯିବା ଆସିବା ସଙ୍କଟାପନ୍ନ ହୋଇ ପଡୁଛି । ବ୍ଲକ୍ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଗୋଚର କରି ସମସ୍ୟାର ତୁରନ୍ତ ସମାଧାନ କରାଯାଉ ବୋଲି ଏସ୍‌ଏଚ୍‌ଜିର ମହିଳା ବୃନ୍ଦ ଓ ଗାଁର ଭଦ୍ର ବ୍ୟକ୍ତିମାନେ ଦାବୀ କରିଛନ୍ତି ।

# ଯୁଗ୍ମ ସଚିବଙ୍କ ୫-ଟି ରୂପାନ୍ତରଣ ବିଦ୍ୟାଳୟ ଓ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କାର୍ଯ୍ୟକ୍ରମ



ଡେଲାଙ୍ଗ, (ନିପ୍ର) : ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସଚିବ ମନୋଜ କୁମାର ସ୍ୱାଇଁ ଗତକାଲି ଅଚାନକ ଡେଲାଙ୍ଗ ବ୍ଲକ ଗସ୍ତ କରି ପ୍ରଥମ ପର୍ଯ୍ୟାୟରେ ଡେଲାଙ୍ଗ ବ୍ଲକରେ '୫ଟି' ରୂପାନ୍ତରଣ ଯୋଜନାରେ ଅନ୍ତର୍ଭୁକ୍ତ ବିଦ୍ୟାଳୟ ସମେତ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ତଥା ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ବିଡ଼ିଓ ଦିଲ୍ଲୀପ କୁମାର ଷଡଙ୍ଗୀ '୫ଟି' ରୂପାନ୍ତରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଯୁଗ୍ମ ସଚିବ ଶ୍ରୀ ସ୍ୱାଇଁଙ୍କୁ ଅବଗତ କରାଇବା ସହ ସୋମନାଥଦେବ ଉଚ୍ଚ ବିଦ୍ୟାପୀଠ, ହରିରାଜପୁର, ଷଡାଂଗୋଇ ଉଚ୍ଚ ବିଦ୍ୟାଳୟ, ଚାଇଁପୁର, ବିଶ୍ୱନାଥଦେବ ଉଚ୍ଚ ବିଦ୍ୟାପୀଠ, ଗଡ଼ ମୋଟରୀ ସମେତ ବ୍ଲକ କାର୍ଯ୍ୟାଳୟ ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, କାର୍ଯ୍ୟକାରୀ ହେଉଥିବା ମିଶନ ଶକ୍ତି କେଫ, ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଏବଂ ବେରବୋଇ ଗାନ୍ଧୀ ସ୍ମୃତିପୀଠ ପ୍ରଭୃତି ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖାଇଥିଲେ ।

ବିଭିନ୍ନ କାର୍ଯ୍ୟର ନିର୍ମାଣ ଓ ଅଗ୍ରଗତି ଦେଖି ଯୁଗ୍ମ ସଚିବ ଶ୍ରୀ ସ୍ୱାଇଁ ସନ୍ତୋଷ ପ୍ରକାଶ କରିବା ସହ ନିର୍ଦ୍ଧାରିତ ଅବଧି ସୁଦ୍ଧା ସମସ୍ତ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ ସମୟରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ରାଉତ, ଶୁଭ୍ରଜିତା ପାଣି, ଚିତ୍ରୋତ୍ପଳା ନାୟକଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

# ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପ୍ରଶିକ୍ଷଣ କର୍ମଶାଳା



ଡେଲାଙ୍ଗ, (ନିପ୍ର) : ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏବିଇଓ, ପିଇଓ, ଜିଆର୍‌ଏସ, ଆର୍‌ଆଇ, ଏଆର୍‌ଆଇ, ସିଆର୍‌ସିସି, ସେକ୍ଟର ଅଧିକାରୀ ଓ ବ୍ଲକ କର୍ମଚାରୀ ପ୍ରମୁଖ ଯୋଗଦେଇ ନିର୍ବାଚନ କାର୍ଯ୍ୟ ପରିଚାଳନା ସମ୍ପର୍କରେ ବିଭିନ୍ନ ପଦ୍ଧତି ବିଷୟରେ ଅବଗତ ହୋଇଥିଲେ । ଏଥିରେ ବିଡ଼ିଓ ତଥା ନିର୍ବାଚନ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ, ତହସିଲଦାର ନିବେଦିତା ପରିଡା, ଏବିଡ଼ିଓ ପ୍ରଦୀପ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, ସିଡିପିଓ ହାରାମଣି ନାୟକ, ଏବିଇଓ ଯୁଧିଷ୍ଠିର ପରିଡା, ଜିପିଇଓ ରତିକାନ୍ତ ସାହୁ, ମୁଖ୍ୟ କିରାଣୀ ରାମଚନ୍ଦ୍ର ଷଡଙ୍ଗୀ, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ରାଉତ, ମାନସ ମହାନ୍ତି, ଶୁଭ୍ରଜିତା ପାଣି, ଚିତ୍ରୋତ୍ପଳା ନାୟକ ପ୍ରମୁଖ ଯୋଗଦେଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ବ୍ଲକ ପରିସରରୁ ଗାଡ଼ିରେ ମତଦାନ କେନ୍ଦ୍ରରେ ପହଞ୍ଚିବା, ମତଦାନ ଶେଷ ହେବା ପରେ ସେଠାରୁ ଭୋଟ ବାକ୍ସ ଆଣି ଷ୍ଟ୍ରଙ୍ଗରୁମରେ ସୁରକ୍ଷା ବଳୟ ମଧ୍ୟରେ ସାଇତି ରଖିବା, ନିର୍ବାଚନ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଗୁଡିକର ସଦୁପଯୋଗ କରିବା, ଆରକ୍ଷୀ କର୍ମଚାରୀ, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଗାଡି ଚାଳକ ଓ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରଖି ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ନିର୍ବାଚନ କାର୍ଯ୍ୟ ତୁଲାଇବା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ । ନିର୍ବାଚନ କାର୍ଯ୍ୟରେ କୌଣସି ଅବହେଳା ପ୍ରଦର୍ଶନ କଲେ ଆଦୌ ବରଦାସ୍ତ କରାଯିବନି ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ଷଡ଼ଙ୍ଗୀ ସମସ୍ତଙ୍କୁ ସତର୍କ କରାଇଥିଲେ । ଜିପିଇଓ ଶ୍ରୀ ସାହୁ ନିର୍ବାଚନ ସାମଗ୍ରୀ ବ୍ୟବହାର ଓ ପରିଚାଳନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରିଥିଲେ । ସୂଚନାଯୋଗ୍ୟ ମହିଳାମାନଙ୍କୁ ନିର୍ବାଚନ ପ୍ରତି ଆକର୍ଷିତ କରିବା ଲକ୍ଷ୍ୟ ନେଇ ଗଡ଼ମୋଟରୀ ପଞ୍ଚାୟତର ଆଂକୋଇ ୧୨ ନମ୍ବର ବୁଥକୁ ଗୋଲାପି ମତଦାନ କେନ୍ଦ୍ର ଭାବେ ଅବସ୍ଥାପିତ କରାଯାଇଛି । ଏଥିରେ କେବଳ ମହିଳା କର୍ମଚାରୀ ନିର୍ବାଚନ ପରିଚାଳନା କାର୍ଯ୍ୟ ତୁଲାଇବେ ବୋଲି ଏବିଡ଼ିଓ ଶ୍ରୀ ନାୟକ ସୂଚନା ଦେଇଥିଲେ । ବ୍ଲକରେ ସମୁଦାୟ ୨୯୧ଟି ମତଦାନ କେନ୍ଦ୍ର ପାଇଁ ୨୦ଟି ସେକ୍ଟର ଜରିଆରେ ନିର୍ବାଚନ ପରିଚାଳନା ବ୍ୟବସ୍ଥା କରାଯାଇଥିବା ବେଳେ ଏଥିରେ ସମୁଦାୟ ୧୫ଶହ ବିଭିନ୍ନ ବର୍ଗର କର୍ମଚାରୀ ମୁତୟନ ହେବା ପାଇଁ ବନ୍ଦୋବସ୍ତ ହୋଇଛି ବୋଲି ନିର୍ବାଚନ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ ସୂଚନା ଦେଇଛନ୍ତି । ଶେଷରେ ଦାୟିତ୍ୱପୂର୍ଣ୍ଣ ଭାବେ ସମସ୍ତ କାର୍ଯ୍ୟ ତୁଲାଇବାକୁ ନିର୍ବାଚନ ଅଧିକାରୀ ଶ୍ରୀ ଷଡଙ୍ଗୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ନାବାଳିକାଙ୍କୁ ଉଦ୍ଧାର କଲା ରମ୍ଭା ପୋଲିସ



ଗଞ୍ଜାମ, (ନିପ୍ର) : ଗଞ୍ଜାମ ଜିଲ୍ଲା ପ୍ରସିଦ୍ଧ ହୁମା ହାଟରୁ ଜଣେ ନାବାଳିକାଙ୍କୁ କେହି ଅପହରଣ କରିଥିବା ନେଇ ନାବାଳିକାଙ୍କ ବାପା ମା' ରମ୍ଭା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ରମ୍ଭାଥାନା ପୋଲିସ ଚାରିଆଡେ ଖୋଜାଖୋଜି କରିବା ପରେ ସେହିଦିନ ହିଁ ହୁମା ଅଂଚଳରୁ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ବାପା ମା'ଙ୍କୁ ହସ୍ତାନ୍ତର କରାଯାଇ ଥିବା ରମ୍ଭା ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା ସୂଚନା ଦେଇଛନ୍ତି । ତାଙ୍କୁ କେହି ଅପହରଣ କରି ନଥିବା ଏବଂ ସେ ଭୁଲରେ ବାଟବଣା ହୋଇଥିବା ରମ୍ଭା ଥାନା ପୋଲିସ ପକ୍ଷରୁ କୁହାଯାଇଛି । ଉକ୍ତ ନାବାଳିକାଙ୍କ ଘର ପୁରୀ ଜିଲ୍ଲାର ସେ ତାଙ୍କ ବାପା ମା' ସହ ଗଞ୍ଜାମ ଆସିଥିଲେ ବୋଲି ରମ୍ଭା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ଚାଲିଗଲେ ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ପରିଚ୍ଛା ପଟ୍ଟନାୟକ

ଭୁବନେଶ୍ୱର, (ନିପ୍ର) : ବିଶିଷ୍ଟ ସାହିତ୍ୟିକ, କବି, ଅଧ୍ୟାପକ ଓ ସମ୍ପାଦକ ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ୬୯ ବର୍ଷ ବୟସରେ ପରଲୋକ ହୋଇଥିବା ସୂଚନା ମିଳିଛି । ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଥିବା ଜଣାପଡିଛି । ଇଂରାଜୀ ଏବଂ ଓଡିଆ ଭାଷାରେ ତାଙ୍କର ପ୍ରାୟ ୨୦ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି । ସେ ଓଡିଶା ସାହିତ୍ୟ ଏକାଡେମୀର ସମ୍ପାଦକ ତଥା ଓଡିଶା ସରକାରଙ୍କ ପ୍ରାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ପଦବୀରେ ରହିଥିଲେ । ୨୦୧୨ ମସିହାରେ ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ୨୦୧୮ ମସିହାରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତାଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ ପ୍ରଦାନ କରାଯାଇଥିଲା । ସେ ଦୈନିକ ସମ୍ବାଦପତ୍ର 'ସର୍ବସାଧାରଣ'ର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କ ବିୟୋଗରେ ରାଜ୍ୟର ସାହିତ୍ୟ ଜଗତରେ ଶୋକର ଛାୟା ଖେଳି ଯାଇଛି ।

# ଖବର ସଂଗ୍ରହ ବେଳେ କାର୍ଯ୍ୟରତ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ : ଘଟଣାକୁ ଡେଲାଙ୍ଗ ପ୍ରେସ କ୍ଲବ ପକ୍ଷରୁ ନିନ୍ଦା, ଅଭିଯୁକ୍ତଙ୍କୁ ଗିରଫ ଦାବୀ



ଡେଲାଙ୍ଗ, (ନିପ୍ର) : ଭୋଟ ଗ୍ରହଣ ତାରିଖ ପାଖେଇ ଆସୁଥିବା ବେଳେ ସମ୍ପ୍ରତି ପିପିଲି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜୋନରେ ନିର୍ବାଚନୀ ହିଂସା ବୃଦ୍ଧି ପାଇବାରେ ଲାଗିଛି । ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ର କରି ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ୧୬ ନମ୍ବର ଜିଲ୍ଲା ପରିଷଦ ଜୋନରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରକୁ ନେଇ ଆକ୍ରମଣ ଓ ହିଂସାକାଣ୍ଡ ସୃଷ୍ଟି ହୋଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କେନ୍ଦ୍ର କରି ବେନୁପଡା ଏବଂ ବଡ଼ଆଙ୍କୁଲା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ତେବେ ସୋମବାର ପୁରୀ ଜିଲ୍ଲା ପିପିଲି ବ୍ଲକ ୨୪ ନମ୍ବର ଜୋନ ଅନ୍ତର୍ଗତ ତେଇଶିପୁର ପଞ୍ଚାୟତ ପୋଟଳ ଗ୍ରାମରେ ବିଜେଡ଼ି ଜିଲ୍ଲା ପରିଷଦ ପ୍ରାର୍ଥୀ ଧରଣୀଧର ସାହୁ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରୁଥିବା ବେଳେ ବିରୋଧୀ ବିଜେପି କର୍ମୀଙ୍କ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇ ସମ୍ପ୍ରତି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏପରିକି ସେଠାକୁ ଖବର ସଂଗ୍ରହ କରିବାକୁ ଯାଇଥିବା ଡେଲାଙ୍ଗ ବ୍ଲକର କାର୍ଯ୍ୟରତ ସାମ୍ବାଦିକ ବିଜୟ କୁମାର ମହାପାତ୍ରଙ୍କୁ ମଧ ବିପକ୍ଷ ଗୋଷ୍ଠୀର କେତେକ ଅସାମାଜିକ ଯୁବକ ଆକ୍ରମଣ କରିବାରୁ ତାଙ୍କର ବାମ ହାତ ଭାଙ୍ଗି ଯାଇଥିବା ବେଳେ ସେ ଗୁରୁତର ଭାବେ ଆହତ ହୋଇଥିବା ନେଇ ପିପିଲି ଥାନାରେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ଧରଣୀଧର ସାହୁ ତାଙ୍କ ସମର୍ଥକମାନଙ୍କ ସହ ପୋଟଳ ଗ୍ରାମରେ ନିର୍ବାଚନ ପ୍ରଚାର କରୁଥିବା ବେଳେ ତାଙ୍କୁ ବିଜେପିର କେତେକ ଅସାମାଜିକ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ । ସେହି ସମୟରେ ଡେଲାଙ୍ଗ ଓ ପିପିଲି ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ବିଜୟ କୁମାର ମହାପାତ୍ର ସେଠାକୁ ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ପୋଟଳ ଗ୍ରାମର ବିଜେପି କର୍ମୀ ବିଭୁପ୍ରସାଦ ସ୍ୱାଇଁ, ପ୍ରତାପ ପରିଡା ଓ ବିକ୍ରମ ସ୍ୱାଇଁଙ୍କ ସମେତ ଅନ୍ୟ ୧୦ରୁ ୧୫ ଜଣ ଅସାମାଜିକ ଯୁବକ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଦୁର୍ବୃତ୍ତଙ୍କ ମାଡ଼ରେ ସାମ୍ବାଦିକଙ୍କ ବାମହାତ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ଜଣାପଡ଼ିଛି । ଅଭିଯୁକ୍ତମାନେ ତାଙ୍କ ପକେଟରୁ ୧୫ଶହ ଟଙ୍କା ଲୁଟ୍ କରି ନେଇ ଯାଇଛନ୍ତି ବୋଲି ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ରାଜ୍ୟ ନିର୍ବାଚନ କମିଶନର ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବାକୁ କଡା ପଦକ୍ଷେପ ଗ୍ରହଣ କରିଥିବା ବେଳେ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ କରିବା ଗଣତନ୍ତ୍ରର ହତ୍ୟା ତଥା ଗଣମାଧ୍ୟମର କଣ୍ଠରୋଧ ବୋଲି ଡେଲାଙ୍ଗ ପ୍ରେସ କ୍ଲବ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ସାମ୍ବାଦିକମାନଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଡେଲାଙ୍ଗ ପ୍ରେସ କ୍ଲବ ସମ୍ପାଦକ ସାମ୍ବାଦିକ ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ମିଶ୍ର, ଧୀରେନ୍ଦ୍ର ନାଥ ସେନାପତି, ଦିଲ୍ଲୀପ କୁମାର ଧାଉଡ଼ିଆ, ଚିତ୍ତରଞ୍ଜନ ଜେନା, ଗୀତାରାଣୀ ରଣଜିତ, ଅନିମାଞ୍ଜଳି ମିଶ୍ର, ଗଗନ ଖଟେଇ, ନିରଞ୍ଜନ ନାୟକ, ସନ୍ତୋଷ କୁମାର ପଣ୍ଡା ଓ ପ୍ରଦୀପ୍ତ ନାୟକ ପ୍ରମୁଖ ଦାବୀ କରିଛନ୍ତି ।

# ଜୁନିୟର ମିଷ୍ଟର ଇଣ୍ଡିଆରେ ଗଞ୍ଜାମରୁ ଭାଗ ନେବେ ଡମ୍ବରୁଧର



ଗଞ୍ଜାମ,(ନିପ୍ର) : ଆସନ୍ତା ୨୨ ତାରିଖରେ ପୁଡୁଚେରୀରେ ହେବାକୁ ଥିବା ୧୨ତମ ଜୁନିୟର ବଡିବିଲ୍ଡିଂ ଚାମ୍ପିୟାନ ସିପ୍‌ରେ ଗଂଜାମ ସହରର ଯୁବ ବଡିବିଲ୍ଡଂର ଜି.ଡମ୍ବରୁଧର ରାଓ (୨୦) ଭାଗ ନେଉଥିବା ଜଣାପଡିଛି । ସେ ୫୫ ବର୍ଗ କେଟେଗୋରୀରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି । ଆସନ୍ତା ୨୧ ତାରିଖରେ ସେ ପୁଡୁଚେରୀ ଅଭିମୁଖେ ଯାତ୍ରା କରୁଥିବା ଜଣାପଡିଛି । ଗଞ୍ଜାମ ସହରରେ ରହିଥିବା ଜିତେସ ଫିଟ୍‌ନେସ୍‌ରେ ସେ ସିନିୟର ବଡିବିଲ୍ଡଂର ଜିତେସ ଦାସଙ୍କ ତତ୍ତ୍ୱାବଧାନରେ ୪ ବର୍ଷ ହେଲା ସୁନ୍ଦର ସ୍ୱାସ୍ଥ୍ୟ ଅଭ୍ୟାସ ଜାରି ରଖିଛନ୍ତି । ହେଲେ ପ୍ରଥମ ଥର ପାଇଁ ବଡିବିଲ୍ଡିଂ ଚାମ୍ପିୟାନସିପ୍‌ରେ ଭାଗ ନେଉଥିବାରୁ ବହୁତ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି । ସେ କିଛିଦିନ ହେଲା ଦିନକୁ ୫ ଘଂଟା ପର୍ଯ୍ୟନ୍ତ ଅଭ୍ୟାସ କରି ନିଜକୁ ପ୍ରସ୍ତୁତ କରୁଛନ୍ତି । ଗୁରୁ ଜିତେସ ଦାସଙ୍କ ସମେତ ତାଙ୍କ ଅନୁଷ୍ଠାନର ବନ୍ଧୁମାନେ ତାଙ୍କର ସଫଳତା କାମନା କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଲୋଇସିଂହା ଡାକ୍ତରଖାନା ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କଲେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା



ଲୋଇସିଂହା, (ନିପ୍ର) : ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା ଗତକାଲି ଲୋଇସିଂହା ଡାକ୍ତରଖାନା ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କରିଥିବା ସୂଚନା ଦେଇଛନ୍ତି । ଏହି ଅବସରରେ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିଥିଲେ । ଏହା ସହ ଡାକ୍ତରଖାନା ପରିସରରେ ଥିବା ମିଶନ ଶକ୍ତି ଦ୍ୱାରା ନିର୍ମିତ କେଫେକୁ ମଧ ପରିଦର୍ଶନ କରିଥିଲେ ଓ ଏଠାରେ ମଧ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିବା ନେଇ ଶ୍ରୀ ରାଣା ସୂଚନା ଦେଇଛନ୍ତି ।

# ଖୁରିପାଣିରେ ଭୋଟ ବର୍ଜନ କଲେ ୭୩ଟି ପରିବାର



ପାଟଣାଗଡ଼, (ନିପ୍ର) : ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ଭା ପଞ୍ଚାୟତ ଖୁରିପାଣି ଗାଁରେ ପାନୀୟ ଜଳ ସମସ୍ୟା ନେଇ ଗାଁର ୭୩ଟି ପରିବାର ଭୋଟ ବର୍ଜନ କରିଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ ଫ୍ଲୋରାଇଡ ମିଶ୍ରିତ ପାନୀୟ ଜଳ ପିଇ ଗାଁର ଅନେକ ଲୋକେ କିଡିନ ରୋଗରେ ପ୍ରାଣ ହରାଇଛନ୍ତି । ଏପରିକି ବର୍ତ୍ତମାନ ଗାଁର ୨୨ ଜଣ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ଦୀର୍ଘଦିନରୁ ପ୍ରଶାସନ ଓ ନେତା ମନ୍ତ୍ରୀଙ୍କୁ ଜଣାଇ ଆସୁଥିଲେ ମଧ କେହି ବି ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦେଲେନି । ଏଣୁ ଏହାରି ପ୍ରତିବାଦରେ ଗାଁର ୭୩ଟି ପରିବାର ଭୋଟ ବର୍ଜନ କରିଥିବା ଜଣାପଡ଼ିଛି । ପ୍ରଶାସନ ପକ୍ଷରୁ ଡ. ପୁଷ୍ପାଞ୍ଜଳି ପଣ୍ଡା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପାଇଁ ଯାଇଥିଲେ ବି କିଛି ସୁଫଳ ମିଳିନଥିଲା ।

# ଆଇନାବନ୍ଧ ପାଣି ବିଷାକ୍ତ ନେଇ ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଅଦାଲତରେ ମାମଲା ଦାଖଲ



ବ୍ରହ୍ମପୁର, (ନିପ୍ର) : ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ୧୦ନଂ ୱାର୍ଡରେ ରହିଛି ଆଇନାବନ୍ଧ । ଏହି ବନ୍ଧଟି ବହୁପୁରାତନ ଅଟେ । ଏଠାରେ ଥିବା ଆଖପାଖ ଅଞ୍ଚଳର ସ୍ଥାନୀୟ ବସ୍ତି ବାସିନ୍ଦା ଦୈନନ୍ଦିନ ୩ ହଜାର ଲୋକ ସ୍ନାନଶୌଚ ପାଇଁ ନିର୍ଭର କରି ଆସୁଅଛନ୍ତି । ବର୍ତ୍ତମାନ କିଛିଦିନ ହେଲା ବନ୍ଧର ପାଣି ବିଷାକ୍ତ ହୋଇଯାଇଥିାରୁ ପିଇବା ତ ଦୂରର କଥା ଗାଧୋଇବା ପାଇଁ ମଧ ଉପଯୁକ୍ତ ନୁହେଁ । ଏଠାରେ ଗାଧୋଇଲେ ଲୋକମାନେ ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡିଛି । ବ୍ରହ୍ମପୁର ସହରର ପ୍ରାୟ ଶହେ ବର୍ଷର ପୁରୁଣା ଜଳଉତ୍ସ ଏହି ଆଇନାବନ୍ଧ । ବର୍ଷ ବର୍ଷ ଧରି ଏହି ବନ୍ଧ ଉପରେ ଆଖପାଖ ଅଞ୍ଚଳବାସୀ ନିର୍ଭର କରିଆସୁଥିବା ବେଳେ ବିଶେଷ କରି ବସ୍ତି ବାସିନ୍ଦା ଏହି ବନ୍ଧ ଉପରେ ଆଜି ବି ନିର୍ଭରଶୀଳ ଥିବା ଜଣାପଡ଼ିଛି । ଆଜି ଏହି ବନ୍ଧଟି ପରିଣତ ଓ ଆବର୍ଜନା ପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଏହାର ପାଣି ଏବେ ସ୍ନାନଶୌଚ ପାଇଁ ବି ଅନୁପଯୋଗୀ ହୋଇପଡିଛି । ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ବହୁବାର ମହାନଗର ନିଗମ ପ୍ରଶାସନକୁ ଅବଗତ କରାଇଥିଲେ ମଧ ପ୍ରଶାସନ ନୀରବ ରହିଛି ବୋଲି ଅଭିଯୋଗ ହୋଇଛି । ଏଥିନେଇ ଆଇନଜୀବୀ ମନୋଜ ପଟ୍ଟନାୟକ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୧୩୩ ପ୍ରକାରେ ବ୍ରହ୍ମପୁର ଉପ-ଜିଲ୍ଲାପାଳ ତଥା ଉପଖଣ୍ଡ ସ୍ତରୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ବ୍ରହ୍ମପୁର ମହାନଗର କମିଶନରଙ୍କୁ ପକ୍ଷ କରି ଏକ ମୋକଦ୍ଦମା ରୁଜୁ କରି ଯୁଦ୍ଧକାଳୀନ ଭିତିରେ ଆଇନବନ୍ଧ ପାଣି ସଫା କରିବା ଏବଂ ବନ୍ଧ ଚାରିପଟେ ଇଟାକାନ୍ଥ ଦ୍ୱାରା ପ୍ରାଚୀର ବନ୍ଧେଇବା ସହ ଆଇନାବନ୍ଧର ପୁନଃରୁଦ୍ଧାର କରିବା ନିମନ୍ତେ ପ୍ରଶାସନକୁ ନିର୍ଦ୍ଦେଶ କରିବାକୁ ଆଇନଜୀବୀ ଚାହିଁଛନ୍ତି ।

# କିନ୍ନରଙ୍କ ତଣ୍ଟି କାଟି ହତ୍ୟା ଅଭିଯୋଗ



ସମ୍ବଲପୁର : ସମ୍ବଲପୁରର ବୁର୍ଲା ଥାନା ଅଞ୍ଚଳରେ ଗୋଡଭଗା ଛକଠାରେ ଏକ ଅଭାବନୀୟ ଘଟଣା ଘଟିଛି ।

ସୂଚନା ଅନୁସାରେ ସମ୍ବଲପୁର ଗୋଡଭଗା ଛକ ଜାତୀୟ ରାଜପଥ ପାର୍ଶ୍ୱରେ କିନ୍ନରଙ୍କୁ ଧାରୁଆ ଅସ୍ତ୍ରରେ ତଣ୍ଟି କାଟି ହତ୍ୟା କରାଯାଇଥିବା ଜଣାପଡ଼ିଛି । ଖବରପାଇ ବୁର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ଲାଗି ବୁର୍ଲା ବଡ ମେଡିକାଲ୍ ପଠାଇଥିବା ବେଳେ ଘଟଣାସ୍ଥଳରୁ ଏକ ସ୍କୁଟି (ଓଡି-୧୫-ପି-୭୭୪୯)କୁ ଉଦ୍ଧାର ହୋଇଛି ।

ସ୍କୁଟିରୁ ଏକ ମୋବାଇଲ୍ ଫୋନ୍, ପର୍ସ ଓ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି । ପର୍ସରୁ ୬ ହଜାର ୭୦ ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି ।

# ପୌର ନିର୍ବାଚନ ପାଇଁ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ



ଭୁବନେଶ୍ୱର, (ନିପ୍ର) : ଆସନ୍ତା ପୌରସଂସ୍ଥା ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ତରଫରୁ ଦୁଇ ଦିନିଆ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ କମିଶନଙ୍କ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଛି ।

ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲା : ଅନୁଗୋଳ, ବାଲେଶ୍ୱର, ବଲାଙ୍ଗିର, ବରଗଡ଼, ବୌଦ୍ଧ, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା ଓ କଳାହାଣ୍ଡିରୁ ଆସିଥିବା ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏହି ତାଲିମ କାର୍ଯ୍ୟକ୍ରମକୁ ନିର୍ବାଚନ ଆୟୋଗଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ ଶୁଭାରମ୍ଭ କରିଥିବା ବେଳେ ଆୟୋଗର ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟର, ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ଓ ସେକ୍ସନ୍ ଅଧିକାରୀ ଉତ୍ତମ କୁମାର ପରିଡ଼ା ଉପସ୍ଥିତ ରହି ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ମାଧ୍ୟମରେ ଭୋଟଗ୍ରହଣ ସଂପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ଜିଲ୍ଲାରୁ ଆସୁଥିବା ମାଷ୍ଟର ଟ୍ରେନରମାନେ ଇଭିଏମ୍ ତାଲିମ ନେଇ ଜିଲ୍ଲାସ୍ତରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିବେ । ଅବଶିଷ୍ଟ ୧୫ଟି ଜିଲ୍ଲାର ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ମାଧ୍ୟମରେ ଭୋଟଗ୍ରହଣ କରାଯିବା ସଂପର୍କରେ ତାଲିମ ପ୍ରଦାନ କରାଯିବ । ରାଜ୍ୟର ସମୁଦାୟ ୧୦୭ଟି ପୌରସଂସ୍ଥା ଓ ୩ଟି ମହାନଗର ନିଗମର ୧୯୩୧ଟି ୱାର୍ଡର ୪୫୮୪ଟି ବୁଥରେ ନିର୍ବାଚନ ଅନୁଷ୍ଠିତ ହେବ । ପ୍ରତ୍ୟେକ ବୁଥରେ ୨ଟି ଲେଖାଏଁ ଇଭିଏମ୍ ରହିବ । ଗୋଟିଏ କାଉନ୍‌ସିଲର/ କର୍ପୋରେଟର ଓ ଅନ୍ୟଟି ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ବ୍ୟବହୃତ ହେବ । ପ୍ରାୟ ୧୧ ହଜାରରୁ ଅଧିକ ସଂଖ୍ୟକ ଇଭିଏମ୍ ପୌରସଂସ୍ଥା ନିର୍ବାଚନରେ ବ୍ୟବହାର କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଦୋକାନ ଜାଳି ଦେଇଥିବା ଅଭିଯୋଗ



ବ୍ରହ୍ମପୁର, (ନିପ୍ର) : ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଦୋକାନ ଜାଳି ଦେଇଥିବା ଅଭିଯୋଗ ହୋଇଛି । ଘଟଣାଟି ଘଟିଛି ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ରୋହି ଗାଁରେ । ସୂଚନା ଅନୁସାରେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ରୋହି ଗାଁର ରବୀନ୍ଦ୍ର ଜେନା ବିରୋଧୀ ଗୋଷ୍ଠୀର କେତେକ ବ୍ୟକ୍ତି ଗତକାଲି ରାତିରେ ତାଙ୍କ ଛୋଟିଆ ଗ୍ୟାରେଜ ଦୋକାନରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ କରିଛନ୍ତି । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି । ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି ।

# ଜଙ୍ଗଲ ନିଆଁ ନିରାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ପାଇକମାଲ ବନବିଭାଗ ପକ୍ଷରୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜଙ୍ଗଲ ନିଆଁ ନିରାକରଣ ଉପରେ ସଚେତନତା ଶିବିର ସ୍ଥାନୀୟ ରେଞ୍ଜ ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲକୁ ନିଆଁ ଲଗାଇ ଦେବାରୁ ଗଛ ପୋଡ଼ି ପାଉଁଶ ହେବା ସାଙ୍ଗକୁ ପରିବେଶ ମଧ ପ୍ରଦୂଷଣ ହେଉଛି । ବିଶେଷ କରି ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ଲାଗିଥାଏ, ସେଥିପାଇଁ ସମସ୍ତେ ସଜାଗ ରହିବାକୁ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ଏଥିରେ ପାଇକମାଲ ବନାଂଚଳ ଅଧିକାରୀ ହରିଶଙ୍କର ନାଏକ ଯୋଗଦେଇ ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରି ପାରିବା ସେ ନେଇ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । କିଶୋର ବୈକାର, ମିଠାପାଲି କେନ୍ଦୁବିଭାଗ ରେଞ୍ଜର ବିନୋଦ ବାଗ, ଫରେଷ୍ଟର ଦେବି ଲାଲା ବଞ୍ଜିରା, ଫରେଷ୍ଟର ସାଧୁ ବରିହା, ଚିନ୍ମୟ ପ୍ରଧାନ, ପାଇକମାଲ ଫରେଷ୍ଟର ଖେଳପ୍ରିୟ ସେଠ, ନୃସିଂହନାଥ ଲକେଶ୍ୱର ଭୋଇ, ପାଇକମାଲ ଅଗ୍ନିଶମ ବିଭାଗ ଅଧିକାରୀ ରବିନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ମୃତିର ସଜମଲ୍ଲୀ



**ଯାଜ୍ଞସେନୀ ସାହୁ**

ଯେବେ ବି ଯୋଉଠି ସୌମ୍ୟଙ୍କୁ ଭେଟିଛି, ତାଙ୍କ କଂପ୍ୟୁଟର ସେଣ୍ଟରରେ ହଉ ବା ଆମ ଘରେ ହଉ, କୋଉଠି ଭୋଜି ଭାତରେ ହଉ ବା କୋଉ ମନ୍ଦିର ଅଗଣାରେ ହଉ, ଏଣୁ ତେଣୁ ଗପୁଗପୁ ସେ ତାଙ୍କ ପଞ୍ଚୁ କାକାଙ୍କ କଥା ନିଶ୍ଚୟ କହିବେ ଓ ପଞ୍ଚୁ କାକା ମୋ ବାବଦରେ କ'ଣ ସବୁ କହୁଥିଲେ, ସେସବୁ ବି ନିଶ୍ଚୟ କହିବେ । ତାଙ୍କ ପଞ୍ଚୁ କାକାଙ୍କୁ ସେ ଯେତେଥର ଯୋଉଠି ଭେଟିଚନ୍ତି ସେ କାଳେ ନିଶ୍ଚୟ ମୋ କଥା କହିଚନ୍ତି, ଏକଥା ସୌମ୍ୟ ସବୁବେଳେ ଗୁରୁତ୍ୱର ସହିତ ମତେ କହୁଥିଲେ ।

ଥରେ ଦି'ଥର ପଞ୍ଚୁ କିଏ, ସେ ପୁଣି ମତେ ଚିହ୍ନିଲେ କେମିତି, ସେ ମୋ ବିଷୟରେ କ'ଣ ସବୁ କହୁଥିଲେ, ଏସବୁ ଜାଣିବା ପାଇଁ ମୋର ଭୃକୁଞ୍ଚନ ହେଇ ଯାଉଥିଲା । ଏବେ ଆଉ ହେଉ ନାହିଁ । ଏଇ ଗତକାଲି ତ ସୌମ୍ୟଙ୍କ ସହ ମୋର ଦେଖା ହେଇଥିଲା ତାଙ୍କ କଂପ୍ୟୁଟର ସେଣ୍ଟରରେ । ସେଠି ଗୁଡାଏ ଫଟୋ ଦେଖାଉ ଦେଖାଉ ସେ ତାଙ୍କ ପଞ୍ଚୁ କାକାଙ୍କ କଥା ପୁଣି କହିଲେ ଓ ପଞ୍ଚୁ କାକା କ'ଣ ସବୁ କହୁଥିଲେ ପୁଣି କହିଲେ ।

ଏତେଗୁଡେ ଗୌର ଚନ୍ଦ୍ରିକା ଦେଲା ପରେ ଆପଣମାନଙ୍କ ନିଶ୍ଚୟ ଆଗ୍ରହ ହେଇଯିବଣି ପଞ୍ଚୁ କିଏ ଓ ସେ ମୋ ବିଷୟରେ କ'ଣ ସବୁ କହୁଥିଲେ ଜାଣିବା ପାଇଁ ।

ପଞ୍ଚୁ ହେଉଚନ୍ତି ସୌମ୍ୟଙ୍କ କାକା ଶ୍ୱଶୁର, ଯିଏକି ମୋ ସାଙ୍ଗରେ କଲେଜରେ ମୋର ଅନର୍ସ ମେଟ୍ ଥିଲେ । ତାଙ୍କ ନାଁଟା ପଞ୍ଚୁ ବୋଲି ଆମେ ସାଙ୍ଗମାନେ ଆଦୌ ଜାଣି ନ ଥିଲୁ । ଜାଣିଥିଲେ ସେତେବେଳେ ହିଁ ଗୀତୁ ତାଙ୍କୁ ଚିଡେଇ ଚିଡେଇ ମାରି ଦେଇଥାଆନ୍ତା ।

ଥରେ ତ ସୌମ୍ୟଙ୍କୁ ମୁଁ ଥଟ୍ଟାରେ କହି ପକେଇଲି- ତମ କାକାଙ୍କୁ ପଞ୍ଚୁ ବୋଲି, ଏଡେ ମଫ ନାଁଟିଏ କିଏ ଦେଲାକି ସୌମ୍ୟ ? ସେଇଠୁ ସେ କହିଥିଲେ ତାଙ୍କ ଘରେ (ପଞ୍ଚୁଙ୍କ ଘରେ) କାଳେ ପାଞ୍ଚ ପାଳି ପଞ୍ଚାନନ ମେଳା କଲା ପରେ ଇଏ ମହାଶୟ ଜନ୍ମ ହେଇଥିଲେ ତେଣୁ ପଞ୍ଚାନନରୁ ଇଏ ପଞ୍ଚୁ ।

ପଞ୍ଚୁଙ୍କ ନାଁ କଲେଜରେ ଥିଲା ପ୍ରଶାନ୍ତ ପୁରୋହିତ । ପ୍ରଶାନ୍ତ ପୁରୋହିତ ନାଁଟା ଉଚ୍ଚାରଣ କରୁକରୁ ହିଁ ଝାମୁରା ବାଳ, ବଡବଡ ଆଖି, ବେପରୱା ଠାଣି, ବେଲ ବଟମ୍ ପ୍ୟାଣ୍ଟ ସାଙ୍ଗକୁ ଟାଇଟ୍ ସାର୍ଟ ପିନ୍ଧୁଥିବା ଡେଙ୍ଗା ହେଇ ଗୋରା, ନହକା ପିଲାଟିଏର ଚେହେରା ଆଖି ଆଗରେ ଭାସି ଆସୁଥିଲା । ପ୍ରଶାନ୍ତ ଥିଲେ ବହୁତ ଓଭ-ସ୍ୱରକ୍ଷକ୍ଷସଶରଭସ୍ୱ ଭଲ ବି ପଢୁଥିଲେ ହେଲେ ଯେତିକି ସେ ଇମକ୍ଷସରଙ୍ଗର କରିବା କଥା ବୋଧହୁଏ ସେତିକି କରି ପାରି ନ ଥିଲେ । ସୌମ୍ୟଙ୍କଠୁ ଶୁଣିଲି, ସେ ଏବେ ଇବଭଳସଭଶ ହକ୍ଟଭ ରେ ଅଛନ୍ତି, ଆଉ ଏବେ ଦି'ବର୍ଷ ହବ ଝିଅ ବାହା କରି ନାତି ନାତୁଣୀ ଦେଖିବା ଅପେକ୍ଷାରେ ଅଛନ୍ତି ।

ଏତେବର୍ଷ ବିତିଗଲାଣି ଯା ଭିତରେ । ମୁଁ ତ ଦରବୁଢୀ ହେଇ ବସିଲିଣି । ରିଟାୟାର୍ଡ଼ କରିବା ପାଖାପାଖି । ପୁଅଝିଅ ବାହା କରିଥିଲେ ନାତିନାତୁଣୀ ଦେଖି ସାରନ୍ତିଣି । ତେବେ ବି ପ୍ରଶାନ୍ତଙ୍କ କଥା ଶୁଣିଲେ କଲେଜ ଦିନଗୁଡାକ ଜଳଜଳ ହେଇ ଦିଶିଯାଉଚି ଆଖି ଆଗରେ । ମନରେ ଶତ ରୋମାଞ୍ଚ ଆସି ଯାଉଚି । କଲେଜ ଜୀବନର ପୃଷ୍ଠା ପୃଷ୍ଠା ଅଭୁଲା ସ୍ମୃତି, ପୁଲକିତ କରି ପକାଉଛି ତନୁ ମନକୁ ।

ପ୍ରଶାନ୍ତ ଯେବେବି ସୌମ୍ୟଙ୍କୁ ଭେଟୁଥିଲେ ଏଇକଥା ହିଁ କହୁଥିଲେ, କେମିତି ମୁଁ ବହୁତ ଟେଲେଣ୍ଟେଡ୍ ଥିଲି । ଖାଲି ପାଠ ନୁହଁ, ଲେଖାଲେଖି, ଏସେ, ଡିବେଟ୍, ଝୋଟି, ଚିତ୍ର ଅଙ୍କା, ନାଚଗୀତ ସବୁଥିରେ କେମିତି ପାରଙ୍ଗମ ଥିଲି । ଏକଥା ଏବେ ଶୁଣିଲେ ମତେ ରୋମାଞ୍ଚିତ ଲାଗୁଚି । କାଇଁ ସେତେବେଳେ ତ ମତେ କେହି କହୁ ନ ଥିଲେ, ବା କହୁଥିଲେ ଯେ ମୋ କାନରେ ପଡୁ ନ ଥିଲା ଆଦୌ । ପ୍ରଶାନ୍ତ ଆହୁରି ବି କହୁଥିଲେ ସେମାନେ (ପୁଅପିଲାମାନେ) ମୋ ବିଷୟରେ କ'ଣ ସବୁ ଭାବୁଥିଲେ । କିଏ ମୋ ସାଙ୍ଗରେ ଟିକେ କଥା ହେଇପାରିବ, କିଏ ମୋ ଆଣ୍ଠୁ ଯାଏଁ ଲମ୍ବିଥିବା ବେଣୀକୁ, ପବନରେ ଉଡି ଯାଉଥିବା ମୋ ଶାଢୀର ଅଞ୍ଚଳକୁ ଟିକେ ଛୁଇଁ ଦେଇପାରିବ, ଭୁଲରେ ବି ହଉପଛେ, ଏ ବାବଦରେ କେମିତି ତାଙ୍କ ଭିତରେ ବେଟ୍ ପଡୁଥିଲା । ଏସବୁ ! ଏସବୁ ପ୍ରଶାନ୍ତ କହିଛନ୍ତି ତାଙ୍କ ଜ୍ୱାଇଁ ସୌମ୍ୟଙ୍କୁ !

ଧେତ୍ ! ଏ ଦରବୁଢୀ ବୟସରେ ବି ଏସବୁ ଶୁଣିଲେ କୁମାରୀତ୍ୱର ସୌକୁମାର୍ଯ୍ୟରେ ମୋ ଗାଲ ଲାଲ୍ ଲାଲ୍ ହେଇଯାଉଛି । ଏ ପରିଣତ ବୟସରେ ବି ପ୍ରଶାନ୍ତ ଏସବୁ କହୁଛନ୍ତି ତାଙ୍କ ଜ୍ୱାଇଁ ସୌମ୍ୟଙ୍କୁ କାଇଁକି ? ? ପ୍ରଶାନ୍ତ କ'ଣ ମନେମନେ ମତେ ଭଲ ପାଉଥିଲେ ! ! ନାଁ ତ । ସେମିତି କିଛି କେବେ ବି ତ ମୁଁ ଲକ୍ଷ୍ୟ କରିନାହିଁ । ହଁ । ଅନେକଥର କିନ୍ତୁ ଦେଖିଛି ତାଙ୍କ ବଡବଡ କଥାକୁହା ଆଖି ମୋ ଆଡେ ଅନେକ ସମୟରେ ଚାହିଁ ରହୁଥିଲା । ଯଦି କେବେ ଦୈବାତ୍ ତାଙ୍କ ଆଖିରେ ମୋ ଆଖି ପଡି ଯାଉଥିଲା ସେ ଅନ୍ୟମନସ୍କ ହେଇ ଯାଉଥିଲେ ଆଉ ମୁହଁ ବୁଲେଇ ନଉଥିଲେ ଅନ୍ୟଆଡେ ।

ପ୍ରଶାନ୍ତ ଭାରି ମଜାକିଆ ସ୍ୱଭାବର ପିଲା ଥିଲେ । ସବୁବେଳେ ଖେଚଡାମି । ଝିଅ ପିଲାଙ୍କ ସିଟ୍ ପଛପଟେ ବସି କମେଣ୍ଟ ମାରିବା । ଝିଅପିଲାଙ୍କୁ ଚିଡେଇବା ପାଇଁ ବିଚିତ୍ର ବିଚିତ୍ର ନାଁ ସବୁ ଦେବା । ସାର୍‌ମାନଙ୍କ ପଢାକୁ ଅନୁକରଣ କରି ଖତେଇ ହେବା । ଏମିତି ଯାବତ୍ୟ ବଦ୍‌ମାସି ତାଙ୍କର ଥିଲା । ଗୀତୁ ତ ତାଙ୍କୁ ନାଁ ଦେଇଥିଲା 'ମେରାନାମ୍ ଜୋକର୍' ।

କୋଉଠି ଅଛି ଏବେ ଗୀତୁ ! ଆମ ସାଙ୍ଗମାନଙ୍କ ଭିତରେ ସେ ହିଁ ଥିଲା ସବୁଠୁ ସୁନ୍ଦରୀ ଆଉ ସ୍ମାର୍ଟ । ସେ ହିଁ ତ ଥିଲା ଆମ ଝିଅ ପିଲାଙ୍କ ଲିଡର । ଝାଁସି ରାନୀ ଲକ୍ଷ୍ମୀବାଈ । ସବୁ ଖଡ଼ଡା ପିଲାଙ୍କୁ ସେ ଗୋଟେ ଗୋଟେ ନାଁ ଦେଇଥିଲା । କାହାକୁ ତାଳ ଗଛ ତ କାହାକୁ ଲାଠି ବାଇଗଣ । କାହାକୁ ଟଶକ୍ଷଛ ଚକ୍ସଭମର ତ କାହାକୁ ସଫରୀ ଫରଫର । ଏଇ କଥାରୁ ପିଲାଙ୍କ ସାଙ୍ଗରେ ଆମର ଝଗଡା ଆରମ୍ଭ ହୋଇ ଯାଇଥିଲା ଆଉ ଏଇ ଝଗଡାର ଲିଡରସିପ୍ ବି ନେଇଥିଲେ ପ୍ରଶାନ୍ତ । ସେଇଦିନୁ ଗୀତୁ ପ୍ରଶାନ୍ତଙ୍କୁ ଡାକିଲା ଅଶାନ୍ତ ।

କଲେଜ କଥା ମନେପଡିଲେ ମନେପଡେ ତନୁଶ୍ରୀର ଷ୍ଟାଇଲ୍, ତାକୁ ପିଲାମାନେ ନାଁ ଦେଇଥିଲେ ଲେଡି ଅମିତାଭ । ଡେଙ୍ଗୀ ଗୋଡି । କାନତଳେ କଲି ଲମ୍ବେଇ ଦେଇଥିବ ଛଅ ଇଞ୍ଚ ଲେଖାଏଁ । ଟାଇଟ୍ ଚୁଡିଦାରକୁ ଢିଲା କମିଜ । ଗୀତ ଗାଉଥିବ ସ୍ୱର ଲମ୍ବେଇ ତ ତାର ବେକର ଶୀର ସବୁ ଟାଣି ହେଇ ଯାଉଥିବେ । ହାଏ । ତାକୁ ଆମେ କେତେ ଚିଡାଉଥିଲୁ, କୋଉଠି ଅଛି ଏବେ ତନୁଶ୍ରୀ ! କ'ଣ କରୁଚି !

କଲେଜ କଥା ମନେପଡେ ତ ମନେପଡେ ଅଶୋକ କେମିତି ଶିଖାର ପିଛା ପଡିଥିଲା ଆଉ ଶିଖା କେମିତି ଗାଳି ଦଉଥିଲା ଅଶୋକକୁ- ଶଳା, ମାଇଚିଆ, ମର୍ଡିଖିଆ, ମରୁନି, ମୋ ପିଛା ପଡିଛି । ଶିଖା ଯେତିକି ରାଗୁଥିଲା ତାକୁ ଆମେ ସେତିକି ଚିଡାଉଥିଲୁ । ପରେ ଶୁଣିଲି ଅଶୋକ ଓ.ଏ.ଏସ୍. କ୍ୱାଲିଫାଏ କରି ସୁନ୍ଦରୀ ସ୍ତ୍ରୀ ନେଇ ଭଲରେ ଅଛି ।

ଆହୁରି ବି ମନେପଡେ ଶେଖର କେମିତି ସୁମନ ପାଇଁ ଅଧା ପାଗଳ ହେଇ ଯାଇଥିଲା । ସୁମନ ଶାଢୀ ପିନ୍ଧୁଥିଲା ସୁନ୍ଦର ଭାବରେ । ଚଷମା ବି ପିନ୍ଧୁଥିଲା । ତାର ଗୋଟେ ଭଲ ପର୍ସନାଲିଟି ଥିଲା । ବେଶୀ କଥା ବି ସେ ହେଉ ନ ଥିଲା କାହା ସାଙ୍ଗରେ, କିନ୍ତୁ ତା'ର ସୁନ୍ଦର କଥାକୁହା ଆଖି ଆଉ ମୁକ୍ତା ଭଳି ଗୋଲ୍ ଗୋଲ୍ ଅକ୍ଷରର ପ୍ରେମରେ ପଡି ଯାଇଥିଲା ଶେଖର । ଓଃ... ଆମେ ସବୁ ଭାରି ଏନ୍‌ଜୟ କରୁଥିଲୁ ଏଇ ଦୁଇ ଜଣ (ଅଶୋକ ଓ ଶେଖର)ଙ୍କ ଚୁପ୍‌ଚାପ୍ ଏକତରଫା ପ୍ରେମକୁ ।

ଆମ ସାଙ୍ଗମାନଙ୍କ ଭିତରେ ସେମିତି କେହି ଜଣେ ବି ନ ଥିଲେ ଏଇ ପ୍ରେମ ଫ୍ରେମ ଚକ୍‌କରରେ ପଡିଲା ଭଳିଆ ଝିଅ । ମୋ ଜାଣିବାରେ କେହିବି ତ ପ୍ରେମ ବିବାହ କରି ନାହାନ୍ତି । ଆମ ବ୍ୟାଚ୍‌ର ଝିଅମାନଙ୍କ ଭିତରେ ଥିଲା ଅଖଣ୍ଡ ଏକତା ।

ସମୁଦ୍ରରେ ଯେତେ ପାଣି, ସେତିକି ଥିଲା ଆମ ଭିତରେ ଭଲ ପାଇବା । ଆକାଶରେ ଯେତେ ତାରା, ସେତେ ଥିଲା ଆମ ଭିତରେ ଘେନାଘେନି ଭାବ । ଶ୍ରାବଣରେ ଯେତିକି ବର୍ଷା ସେତିକି ଥିଲା ଆମ ଭିତରେ ଆଦ୍ୟ ଯୌବନର ଚପଳତା ଆଉ ବନ୍ଧୁତ୍ୱର ନିବିଡ ବନ୍ଧନ ।

ପ୍ରତିବର୍ଷ ଆମେ ସବୁ ଝିଅ ସାଙ୍ଗମାନେ ଶୀତ ନ ଆସୁଣୁ ପିକ୍‌ନିକ୍ ଯାଉଥିଲୁ । ଦିନଟିଏ ଖୁସି ଆଉ ମୁକୁଳା ଜୀବନର ଉପଭୋଗରେ ମସ୍‌ଗୁଲ୍ ହେଉଥିଲୁ । ଆମ ସାଙ୍ଗରେ କେବଳ ଦୁଇଜଣ ଡ୍ରାଇଭର ଆଉ ଦୁଇଜଣ ପିଅନ୍ ଯାଉଥିଲେ ଆମର ବଡିଗାର୍ଡ଼ ହେଇ । ଯେତେ ଯାହା ମଜା କରା ଯାଇପାରେ ଆମେ କରୁଥିଲୁ ସେଇଦିନମାନଙ୍କରେ । ଯୋଉଦିନ ଆମେ ପିକ୍‌ନିକ୍ ଯାଉଥିଲୁ ସେଦିନ କ୍ଲାସ୍‌ରେ ଝିଅମାନଙ୍କ ଉପସ୍ଥାନ ଶୂନ୍ । ପୁଅ ପିଲାମାନେ ମୁହଁ ଶୁଖାଉଥିଲେ । ସାର୍‌ଙ୍କୁ କାଳେ କହୁଥିଲେ ଆଜି ଝିଅମାନେ ନାହାଁନ୍ତି ତ ଆଜ୍ଞା, ପଢିବାକୁ ଇଚ୍ଛା ହଉ ନାହିଁ, ମାନେ କ୍ଲାସ୍ ସସ୍‌ପେଣ୍ଡ । ଆଉ ଏସବୁର ବି ଲିଡରସିପ୍ ନେଉଥିଲେ ଏଇ ଚଗଲା ପ୍ରଶାନ୍ତ ଓରଫ ଅଶାନ୍ତ ।

ଥରେ ଆମ ଅନର୍ସର ପୁଅଝିଅ ଓ ସାର୍‌ମାନେ ମିଶି ଯାଇଥିଲୁ ପିକ୍‌ନିକ୍, ହାତୀଖୋଜ୍ । କଳାହାଣ୍ଡିର ନିବିଡ ଜଙ୍ଗଲ ଭିତରେ ଉଚ୍ଛଳ କୁଳୁକୁଳୁ ଝରଣା, ଝରଣାକୁ ଡେଇଁ ଆରପଟେ ପଥର ଘେରା ଏକ ସମତଳ ଜାଗାରେ ଆମ ସ୍ପଟ୍, ଆମେ ଝିଅମାନେ ଯେତେବେଳେ ଅଣ୍ଟ ଶାଢୀ ଟେକି (ସେତେବେଳେ ପ୍ରାୟ ଝିଅ ଶାଢୀ ପିନ୍ଧୁଥିଲେ) ଝରଣା ଭିତରେ ପଶି ପଥର ପରେ ପଥର ଡେଇଁ ଡେଇଁ ଯାଉଥିଲୁ ଏ ପୁଅପିଲା ସବୁ ଆମର ଫଟୋ ଉଠାଇଥିଲେ ଲୁଚିଲୁଚି । ଏସବୁ ବଦ୍‌ମାସିର ଲିଡର ବି ଥିଲେ ପ୍ରଶାନ୍ତ । ପରେ ଯେତେବେଳେ ଏଇ କଥା ଜଣାପଡିଲା, କେତେ ରାଗରୁଷା, ଗାଳିମନ୍ଦ, ଝଗଡାଝାଟି, ସାର୍‌ମାନେ ବୁଝାବୁଝି କଲେ । ଏମିତି ହୁଏ, ପିକ୍‌ନିକ୍‌ରେ ଏମିତି ଫଟୋ ଉଠାଉଠି ନ ହେଲେ ତାର ମଜା ଆଉ କ'ଣ ! ଫେରୁଫେରୁ ରାତି ହେଇ ଯାଇଥିଲା । ଏବେ ମନେପଡୁଛି ପୁଅପିଲାମାନେ ଆମକୁ ଗାଡିରେ ଘରକୁ ଘର ନେଇ ଛାଡିଥିଲେ ।

ବି.ଏ. ପରୀକ୍ଷା ନ ସରୁଣୁ ମୋ ବାହାଘର ତାରିଖ ପକ୍‌କା ହେଇଗଲା । ମୁଁ କାନ୍ଦିଲି, ରୁଷିଲି । ବାପାଙ୍କୁ କହିଲି- ବାପା ମୋ ପରୀକ୍ଷା ତ ସରିଯାଉ ତା' ପରେ ବାହାଘର କରିବ । ହେଲେ ମୋ ଝିଅ ବଡ ହେଲାପରେ ଏବେ ମୁଁ ଭାବୁଛି, ଝିଅପାଇଁ ଜ୍ୱାଇଁ ଖୋଜିବା ମାମଲାରେ ବାପାମାନେ ସତରେ କେଡେ ଅସହାୟ । ତେଣୁ ନିଜ ବଡ ଝିଅକୁ ଆଇ.ଏ.ଏସ୍. କରିବାର ସ୍ୱପ୍ନ ଦେଖୁଥିବା ମୋ ବାପା ଭଲ ଜୋଇଁଟିଏ ପାଇଲେ ବୋଲି ସ୍ୱପ୍ନ ସହ ସାଲିସ୍ କରିଦେଲେ ଓ ବି.ଏ. ପରୀକ୍ଷା ସରୁସରୁ ମୋର ବାହାଘର ହେଇଗଲା ।

ଏବେ ପଛକୁ ଚାହିଁଲେ ଲାଗୁଛି କେତେ ଲମ୍ବା ରାସ୍ତା । କେତେ ଲମ୍ବା ସମୟ ପଛରେ ରହିଗଲା । କେତେ ଶୀଘ୍ର ସମୟ ଚାଲିଗଲା ହାତ ମୁଠାରୁ । କେତେ ମୁକୁଳା ଥିଲା ସେ ଜୀବନ ଆଉ କେତେ ଆବଦ୍ଧ ଏ ଜୀବନ !

ସୌମ୍ୟଙ୍କ ସାଙ୍ଗରେ ବହୁତ ଦିନରୁ ମୋର ଦେଖା ହେଇନଥିଲା ତ ପ୍ରଶାନ୍ତଙ୍କ କଥା ବି ମୁଁ ପ୍ରାୟ ଭୁଲି ଯାଇଥିଲି ।

ଦିନେ ହଠାତ୍ ସୌମ୍ୟ ପ୍ରଶାନ୍ତଙ୍କୁ ନେଇ ଆମ ଘରେ ହାଜର । ସେମାନେ ଆମ ଘରେ ପହଞ୍ଚିଲା ବେଳକୁ ମୁଁ ଶାଢୀ ବି ବଦଳେଇ ନଥିଲି । ସେଇ ସ୍କୁଲ ଶାଢୀ ପିନ୍ଧି ସବୁଦିନ ଭଳିଆ ସୋଫାରେ ବସିବସି ଢୁଳେଇ ପଡିଥିଲି । କଲିଂ ବେଲ୍‌ର ଆୱାଜରେ ମନେମନେ ବିରକ୍ତ ହେଇ ଉଠି କବାଟ ଖୋଲି ଦେଲାବେଳକୁ ମୋ ସାମ୍ନାରେ ସୌମ୍ୟ ।

ମୁଁ ଟିକେ ଅପ୍ରସ୍ତୁତ ହେଲି ।

ପ୍ରଶାନ୍ତଙ୍କୁ ମୁଁ ଚିହ୍ନି ପାରିଲି ନାହିଁ ଆଦୌ । ସୌମ୍ୟ ହିଁ ଚିହ୍ନେଇ ଦେଲା ।

ବୋହୂ ! (ଭାଉଜ) ଇଏ ପଞ୍ଚୁ କାକା । ତୁମ ପାଖକୁ ଗୋଟେ ବଡ କାମ ନେଇ ଆସିଚନ୍ତି ।

ମୁଁ ଆକାଶରୁ ଖସି ପଡିଲି । ଇଏ ପ୍ରଶାନ୍ତ ! ବିସ୍ମୟରେ ମୋ ଆଖି ବଡବଡ ହେଇଗଲା । ଏତେଦିନ ପରେ ଦେଖା । ମୁଁ ବହୁତ ଖୁସି ହେଇଗଲି । ପୁରୁଣା ଦିନର ବନ୍ଧୁ ଦେଖିଲେ କିଏ ଖୁସି ନ ହୁଏ !

ପ୍ରଶାନ୍ତ । ତମେ ଏତେ ବଦଳି ଯାଇଚ ! ମୁଁ ତମକୁ ଜମା ଚିହ୍ନି ପାରିଲିନି । ମୋ ପାଟିରୁ ଆପେ ବାହାରି ପଡିଲା ।

ତମେ କିନ୍ତୁ ଜମା ବଦଳିନ ସରସ୍ୱତୀ ।

ସରସ୍ୱତୀ ! ମୁଁ ହସିଲି । ଏବେବି ତମର ସେ ଚଗଲାମି ଯାଇନି । ବୟସ ବଢିଛି । ଦାୟିତ୍ୱ ବଢିଛି । ଚେହେରା ବଦଳିଛି ହେଲେ ମନଟା ସେମ୍‌ତି ଅଛି । ଭାବନା ସେମ୍‌ତି ଅଛି ।

ମୋ ନାଁ ବୀଣାପାଣି । ହେଲେ କେବେବି ପ୍ରଶାନ୍ତ ମତେ ବୀଣା ଡାକନ୍ତି ନାହିଁ । ଡାକନ୍ତି ସରସ୍ୱତୀ (ବୀଣାପାଣିଙ୍କ ଅନ୍ୟନାମ) ବୋଲି ।

ସେମାନଙ୍କୁ ଡ୍ରଇଁ ରୁମ୍‌ରେ ବସେଇ ସାଙ୍ଗେ ସାଙ୍ଗେ ଆସୁଚି ବୋଲି କହି ମୁଁ ଭିତରେ ପଶିଲି ।

ଶାଢୀ ବଦଳେଇ, ଟିକେ ଧୁଆଧୁଇ ହେଇ ଆଇନା ସାମ୍ନାରେ ମୁହଁ ପୋଛୁପୋଛୁ ମୁଁ ହସି ପକେଇଲି ମନେ ମନେ ।

କ'ଣ କହିଲେ ପ୍ରଶାନ୍ତ ! ମୁଁ ଜମା ବଦଳିନି ! ଆଖିର ଏଇ ବାଇ ଫୋକାଲ ଚଷମା, କାନ ପାଖର ଧଳାଧଳା ପାଚିଲା କେଶ । କ'ଣ କିଛି ଦିଶିଲା ନାହିଁ ପ୍ରଶାନ୍ତଙ୍କୁ ! !

ମୁଁ ଫ୍ରେଶ୍ ହେଇ ଆସିଲା ବେଳକୁ ସୁମି ସେମାନଙ୍କୁ ଚା, ଜଳଖିଆ ଦେଇ ସାରିଥିଲା ।

ବେଶ୍ କିଛି ଗୌରଚନ୍ଦ୍ରିକା ନ କରି ପ୍ରଶାନ୍ତ ହିଁ ଆଗ ଆରମ୍ଭ କଲେ ତାଙ୍କ ଆସିବାର ଉଦ୍ଦେଶ୍ୟ ।

ତମ ପାଖକୁ ଗୋଟେ ବଡ କାମ ନେଇ ଆସିଚି ସରସ୍ୱତୀ । ମନା କରିବନି ।

କେତେବଡ କାମ ! ମୁଁ ମନେମନେ ଶଙ୍କି ଗଲି । ପ୍ରଶାନ୍ତଙ୍କ କାମଟା ମୁଁ କରି ଦେଇପାରିବି ତ !

ସୌମ୍ୟ ଚୁପ୍‌ଚାପ୍ ହସୁଥିଲେ । ଆମ ଦୁହିଁଙ୍କ କଥାବାର୍ତ୍ତା ଶୁଣି ।

କଥା କ'ଣ କି, ମୋ ପୁଅ ଆଲୋକ୍ ଏବେ ଚଣ୍ଡିଗଡ୍ ପି.ଜି.ଆଇ.ରେ ମେଡିସିନ୍‌ରେ ପି.ଜି. କରୁଛି । ଆଉ ତା ପାଇଁ ତମ ଝିଅ ନିର୍ଝରାକୁ ବୋହୂ କରି ନେବାପାଇଁ ମୁଁ ପ୍ରସ୍ତାବ ରଖୁଛି ।

ମୁଁ ବିସ୍ମୟରେ ଫାଟି ପଡିଲି । କ'ଣ କହୁଚନ୍ତି ପ୍ରଶାନ୍ତ ! ମୋ ଆଖି ବଡବଡ ହେଇଗଲା ଏକ ଅଛିଣ୍ଡା ଗଣିତର ଅବୁଝା ପଣରେ । ଆଉ ବଡବଡ ଆଖି ଦୁଇଟିରେ ଢଳଢଳ ହେଇଗଲା ଦୁଇ ବିନ୍ଦୁ ଲୁହ, ଅନାୟାସରେ ଲୁହ ଦୁଇଧାର ଗଡିଗଲା ମୋ ଆଖିରୁ ଆଉ ଗାଲ ଦେଇ ବହିଗଲା ତଳକୁ ।

ମୁହଁ ତଳକୁ କରି ମୁଁ ପାପୁଲିରେ ଲୁହ ପୋଛି ନେଲି । ମୋର ଏ କାନ୍ଦକାନ୍ଦ ଅବସ୍ଥା ଦେଖି ଚୁପ୍ ହେଇଗଲେ ପ୍ରଗଳ୍‌ଭ ପ୍ରଶାନ୍ତ ଆଉ ସୌମ୍ୟ ।

ନିର୍ଝରା ମୋର ଗୋଟିଏ ବୋଲି ଭିନ୍ନକ୍ଷମ ସନ୍ତାନ । ଯିଏକି ଭେଲୋର ଖ୍ରୀଷ୍ଟିଆନ୍ ମେଡିକାଲ୍ କଲେଜ୍‌ରେ ହାଉସ ସର୍ଜନର ଛାତ୍ରୀ । ତା ପାଇଁ ଏ ବିବାହ ପ୍ରସ୍ତାବ !

ଲୁହ ପୋଛି ମୁଁ ଚାହିଁଲି ପ୍ରଶାନ୍ତଙ୍କ ମୁହଁକୁ । ପ୍ରଶାନ୍ତ ତମେ ଜାଣିଚ ତ, ମୋ ଝିଅ ବିଷୟରେ ।

ହଁ । ସରସ୍ୱତୀ ହଁ । ମୁଁ ସବୁ ଜାଣିଚି । ମୋ ପୁଅ ବି ସବୁ ଜାଣିଚି । ଆଜିକାଲି ଏ ନେଟ୍ ଯୁଗରେ ଆଉ କିଏ କାହାକୁ ନ ଜାଣିଚି କୁହ ?

ତମେ ଖାଲି ତା'ର ଚେହେରା ଦେଖିଥିବ । ତାକୁ ପୁରା ଦେଖିଲ କେମିତି ? ତମେ ଜାଣିଚ ମୋ ଝିଅ ଭିନ୍ନକ୍ଷମ । ଠିକ୍ ଭାବେ ଚାଲିପାରେ ନାହିଁ ।

ବନ୍ଦ ହେଇଯାଇଥିବା ମୋ ଲୁହଧାର ପୁଣି ଝରି ଲାଗିଲା ଯେ ବନ୍ଦ ହେବାର ନାଁ ନେଲା ନାହିଁ । ଏ ଲୁହ ଦୁଃଖର ନା ସୁଖର ଜାଣିବା ଆଗରୁ ମୁଁ କେମିତି ମୋହାଚ୍ଛନ୍ନ ହେଇଗଲି ସେଇ ତମାମ୍ ସମୟତକ ।

ତମେ ଏମିତି ଯଦି କାନ୍ଦିବ ଆମେ ଆଉ କଥା ହେବା କ'ଣ ? ମୁଁ ପରା ବାହାଘର ପ୍ରସ୍ତାବ ନେଇକି ଆସିଚି । ଏବେ କାନ୍ଦ ବନ୍ଦ କର ଓ ମୋ କଥାର ଜବାବ୍ ଦିଅ ।

ପ୍ରଶାନ୍ତ, କ'ଣ ବୋଲି କି ଭିଷାରେ ତମକୁ ଧନ୍ୟବାଦ ଦେବି ଭାବିପାରୁନି । ଭଗବାନ ତମକୁ ବହୁତ ବଡ ହୃଦୟ ଦେଇଛନ୍ତି ଯେ ମୋ ଝିଅ ନିର୍ଝରାକୁ...

ମୁଁ ଆଉ କିଛି କହିପାରିଲି ନାହିଁ । ପୁଣି କାନ୍ଦିଲି ।

ଏଥର ପ୍ରଶାନ୍ତ ଆଉ ସମ୍ଭାଳି ପାରିଲେ ନାହିଁ । ଉଠି ଆସିଲେ ମୁଁ ବସିଥିବା ଲମ୍ବା ସୋଫା ଉପରକୁ । ମୋ ପାଖରେ ବସିଲେ । ମତେ ପ୍ରବୋଧିବାକୁ ଶବ୍ଦ ଖୋଜିଲେ ।

କେତେବେଳକେ ମୁଁ କହିଲି । ତମେ ସିନା ଚାହୁଁଚ ନିର୍ଝରାକୁ ବୋହୂ କରି ନବ ହେଲେ ଆଲୋକ କ'ଣ ଚାହୁଁଚି ତାକୁ ସ୍ତ୍ରୀ ଭାବରେ ଗ୍ରହଣ କରିବାକୁ ।

ସରସ୍ୱତୀ । ସତରେ ତମେ ପାଗିଳି । ଯେମିତି ଥିଲ କଲେଜ ଦିନମାନଙ୍କରେ ସେମିତି ଅଛ । ଆଜି ବି । କେବେ କିଏ କମେଣ୍ଟଟିଏ ମାରିଦେଲେ ଦି'ଦିନ ଯାଏଁ କାନ୍ଦୁଥିବା ସରସ୍ୱତୀର ଏତେଟିକେ ବି ପରିବର୍ତ୍ତନ ହେଲାନାହିଁ, ବୁଢୀ ହବା ଯାଏଁ ।

ଶୁଣ । ଆଲୋକ ନିଜେ ମତେ ଏ ପ୍ରସ୍ତାବ ଦେଇଚି ଓ ପଠେଇଚି ତମ ପାଖକୁ । ଯେତେବେଳେ ମୁଁ ଜାଣିଲି ନିର୍ଝରା ତମର ଝିଅ । ମୁଁ ଆଉ ଅରାଜି ହେବାର କ'ଣ ଥିଲା ? ଏ ତ ମୋ ପାଇଁ ସୌଭାଗ୍ୟର କଥା....ତ ହେଲ ନାହିଁ, ଏବେ ସମୁଦୁଣୀ ହବ । ପ୍ରଶାନ୍ତ ହସିଲେ ଜୋର୍‌ରେ ।

ମୁଁ ବି ହସିଦେଲି ଫିକ୍ କିନା ।

ପ୍ରଶାନ୍ତ । ତମେ ବି । ଏବେବି ତମର ସେ ଚଗଲାମି ଗଲାନି ।

ଇଏ ନ ଥାଇ, ଯାଙ୍କ ସହ ପରାମର୍ଶ ନ କରି ମୁଁ କି ଜବାବ୍ ଦେବି ପ୍ରଶାନ୍ତଙ୍କୁ ! ତା'ପରେ ଆଉ ଗୋଟେ ବଡ ପ୍ରଶ୍ନ ମତେ ଉବେଇ ଟୁବେଇ ଦଉଥିଲା ଯେ, ପ୍ରଶାନ୍ତଙ୍କର ବ୍ରାହ୍ମଣ ପରିବାର । ଆଉ ଆମେ ଅବ୍ରାହ୍ମଣ । ଏଥିରେ ପ୍ରଶାନ୍ତଙ୍କ ବାପା, ମା ଖୁସିରେ ମୋ ଝିଅକୁ ଗ୍ରହଣ କରିବେ ତ !

ଅନେକ ବେଳ ତୁନି ରହିଲା ପରେ ମୁଁ ମୋର ଶଙ୍କା ପ୍ରକାଶ କଲି ପ୍ରଶାନ୍ତଙ୍କ ଆଗରେ ।

ଦେଖ ପ୍ରଶାନ୍ତ, ତମର ବାପା, ମା ବଞ୍ଚିଛନ୍ତି । ଆଉ ବ୍ରାହ୍ମଣମାନେ ବହୁତ ରକ୍ଷଣଶୀଳ ମୁଁ ଜାଣେ । ସେମାନେ ଆମର ଅବ୍ରାହ୍ମଣ ପରିବାରରୁ ଝିଅ ନେବାକୁ ପସନ୍ଦ କରିବେ ତ ? କାହାକୁ ବି ଅଶାନ୍ତ କରି କିଛି କରିବାଟା, ପୁଣି ବାହାଘର, ମତେ ଟିକେ ଠିକ୍ ଲାଗୁନି ।

ଆରେ ସରସ୍ୱତୀ । ତମେ କୋଉ ବ୍ରାହ୍ମଣ ବୋହୂଠୁ କମ୍ ନା ତମ ନିର୍ଝରା କୋଉ ବ୍ରାହ୍ମଣ ଝିଅଠୁ କମ୍ । ମୋର ସୌଭାଗ୍ୟ ଯେ ଆଜି ମୁଁ ତମକୁ ମୋ ପୁଅ ପାଇଁ ତମ ଝିଅର ହାତ ମାଗୁଚି । ଆଉ ତମେ କହୁଚ ବ୍ରାହ୍ମଣ ଅବ୍ରାହ୍ମଣର କଥା । କୋଉଠି ଅଛ ତମେ ସରସ୍ୱତୀ ! ଯୁଗ ଯାଇ କୋଉଠି ହେଲାଣି । ତମେ ସେଇ ଷୋଡଶ ଶତାବ୍ଦୀର କଳାହାଣ୍ଡିରେ ଅଛ !

ଇଏ ମୋ କଲେଜ ଦିନର ବନ୍ଧୁ ପ୍ରଶାନ୍ତ ! ! କଲେଜରେ ଏକାଠି ପାଠ ପଢିଲା ବେଳେ ପ୍ରଶାନ୍ତ ସହ କେବେ ଭଲ କରି ପଦେ କଥା ହେଇଚି ମୋର କାଇଁ ମନେ ପଡୁନି ତ । ଅଥଚ ଆଜି ଏତେ ବର୍ଷପରେ ! !

ଭିନ୍ନକ୍ଷମ ଝିଅଟିର ମା ବୋଲି ମୋ ମନରେ ଥିବା ଅସମ୍ଭବ ବ୍ୟାକୁଳତା ଆଉ ଅସହାୟପଣ ଆଜି ପ୍ରଶାନ୍ତଙ୍କର ଏଇ ପଦିଏ କଥାରେ ମୋ ଭିତରେ ପ୍ରତ୍ୟୟର ହିମାଳୟଟିଏ ଠିଆ କରେଇ ଦେଲା । ଭିନ୍ନକ୍ଷମ ଝିଅଟିଏର ଲାଳନପାଳନରେ ଅବହେଳା ହବ ବୋଲି ଦ୍ୱିତୀୟ ସନ୍ତାନ ଚାହିଁ ନ ଥିବା ଆମେ ସ୍ୱାମୀସ୍ତ୍ରୀ ଦୁହେଁ କିଭଳି ଭାବରେ ପ୍ରଶାନ୍ତଙ୍କୁ କୃତଜ୍ଞତା ଜଣାଇବୁ ମୁଁ ଭାଷା ଖୋଜି ପାଇ ନ ଥିଲି ସେଦିନ । କୃତଜ୍ଞତାର ସମସ୍ତ ବର୍ଣ୍ଣବୋଧ ହୁଏତ କମ୍ ପଡିଯିବ, ପ୍ରଶାନ୍ତଙ୍କ ଏଇ ବଦାନ୍ୟତା ପାଖରେ ।

ପ୍ରଶାନ୍ତ ଉଠିଲେ । ତାଙ୍କସହ ସୌମ୍ୟ ବି । ସୌମ୍ୟ ହସୁଥିଲେ । ଗଡ ଜିତିବାର ହସ ।

ଉଠିଲା ବେଳେ ମୁଁ କହିଲି, ସୌମ୍ୟ ! ତମର ଦାଦା ତ ଆସନ୍ତୁ । କଥାବାର୍ତ୍ତା ନ ହୋଇ ଏତେ ବଡ ନିଷ୍ପତ୍ତି କ'ଣ ଫୋନ୍‌ରେ ନେଇହବ ।

ବୋହୂ । ସତରେ ତମେ ବଡ ଭୋଲି । ତମେ କ'ଣ ଭାବୁଚ ଏଇ କାମଟା ବାକୀ ରଖି ଆମେ ତମ ପାଖକୁ ଆସିଚୁ ? ଏଠି ତମ ପାଖକୁ ଆସିବା ଆଗରୁ ମୁଁ ଆଉ ପଞ୍ଚୁ କାକା, ଦାଦାଙ୍କ ସାଙ୍ଗରେ କଥା ହେଇ ସାରିଚୁ, ଆଉ ଦାଦା ରାଜି ହେଲା ପରେ ତମ ପାଖକୁ ଆସିଚୁ । ଏଥର ତମେ ରାଜି ତ ?

ସୌମ୍ୟ ଏତେ କାମ କରି ସାରିଚନ୍ତି ଏ ଭିତରେ !

ମୁଁ ଅରାଜି ହବାର ବି ଆଉ କ'ଣ ଥିଲା ?

ବୋହୂ ବେଶରେ ମୋର ଗୋଟେ ବୋଲି ଭିନ୍ନକ୍ଷମ ଝିଅ ନିର୍ଝରା କିମିତି ଦିଶିବ ଦିନେ ବି ଭାବି ନ ଥିଲି ମୁଁ । ସ୍ୱପ୍ନ ଦେଖି ନ ଥିଲି ମୁଁ ।

ଏବେ ଭାବୁଚି କପାଳର ଟିପି ଟିପି ଚନ୍ଦନ ଟିପା ଆଉ ଲାଲ୍ ସିନ୍ଦୂର ବିନ୍ଦୁରେ । ହାତର ମୁଠାମୁଠା ଲାଲ୍ ଚୂଡି ଆଉ ଲାଲ୍ ଲାଲ୍ ଶଙ୍ଖାର ଝଲମଲ୍ ସୌନ୍ଦର୍ଯ୍ୟରେ, ଦେହ ଭର୍ତ୍ତି ଗହଣା ଆଉ ମୁଣ୍ଡର ନାଲି ଓଢଣା ଭିତରୁ କେମିତି ଦିଶିବ ମୋ ଝିଅ ନିର୍ଝରା ! କେମିତି ଦିଶିବ ! ଦିଶିବନି କି କୋଉ ପରୀ ରାଇଜର ପରୀଟିଏ ଭଳି ! ଦିଶିବନି କି କୋଉ ରାଜଧାନୀର ରାଜକନ୍ୟା ପରି !

ହେ ଈଶ୍ୱର ! କେତେ ବିରାଟ ତୁମେ ! କେତେ ବିଚାରବନ୍ତ ତୁମେ ! କେତେ ସମଦର୍ଶୀ ତୁମେ !

ଭିନ୍ନକ୍ଷମ ଝିଅଟିଏ ହେଲେ ବୋଲି ବେଳେବେଳେ ଈଶ୍ୱରଙ୍କ ଉପରେ ଅଭିମାନରେ ଫାଟି ପଡୁଥିବା ମୋର ମନ ଆଜି ପରିପୂର୍ଣ୍ଣ ହେଇଯାଉଛି ତାଙ୍କ କୋଟି କୋଟି ଆଶୀର୍ବାଦରେ ।

ମୋ ଆଖିରେ ଏବେ ଲୁହର ବନ୍ୟା । ମୁଁ ଖାଲି କାନ୍ଦୁଥିଲି ଆଉ କାନ୍ଦୁଥିଲି । ମୋ ଲୁହଭର୍ତ୍ତି ଆଖିରେ ଜାଲୁଜାଲୁଆ ଦିଶୁଥିଲେ ମୋଠୁ ବିଦାୟ ନେଇ ଚାଲି ଯାଉଥିବା ପ୍ରଶାନ୍ତ ଆଉ ସୌମ୍ୟ ।

**କେସିଙ୍ଗା, କଳାହାଣ୍ଡି**

# ବିଶ୍ୱ ରେଡ଼ିଓ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ

## ରେଡ଼ିଓ ସହ ସ୍ମରଣୀୟ ଫଟୋ ଉଠାଇ ଜିତିଲେ ପୁରସ୍କାର

ଭୁବନେଶ୍ୱର, (ନିପ୍ର) : ସାମାଜିକ ଅନୁଷ୍ଠାନ ଅସ୍ତିତ୍ୱ ଓ ପିଇସିଟି.ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ବିଶ୍ୱ ରେଡ଼ିଓ ଦିବସ । ଏହି ଅବସରରେ ଆରମ୍ଭ କରାଯାଇଥିବା ପ୍ରତିଯୋଗିତାର ଉଦଯାପନୀ ଦିବସ ଆଜି ୟୁନିଟ ୯ ସ୍ଥିତ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଏସିଆ କମ୍ୟୁନିଟି ରେଡ଼ିଓ ସଂସ୍ଥାର ଅନ୍ୟତମ ସଦସ୍ୟ ଏନ.ଏ.ସାହା ଅନସାରୀ ଏବଂ ବିଶିଷ୍ଟ ସମାଜସେବୀ ଓ ଶୁଶ୍ରୁତ ହସ୍ପିଟାଲର ସିଇଓ ଡ. ଚିଦାତ୍ମିକା ଖଟୁଆ ଅତିଥି ଭାବେ ଯୋଗଦେଇ ରେଡ଼ିଓ ସହ ହୋଇଥିବା ଫୋଟୋ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।



ଏଥିରେ ପ୍ରଥମ ପୁରସ୍କାର ଗ୍ରହଣ କରିଛନ୍ତି ପୁରୀର ସିନିୟର ସିଟିଜନ ଶ୍ରୀମତୀ ସୁବାସିନୀ ରାଜଗୁରୁ ।

ଏହି କାର୍ଯ୍ୟକ୍ରମରେ କୁନି କଳାକାର ମାନଙ୍କ ସଂଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ସୁଶ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ, ଶ୍ରୀମତୀ ପୂର୍ଣିମା ପଟ୍ଟନାୟକ ଓ ଶ୍ରୀ ସନତ କୁମାର ପତି ପ୍ରମୁଖ ସଂଗୀତ ପରିବେଷଣ କରି କାର୍ଯ୍ୟକ୍ରମଟିକୁ ବେଶ ସ୍ମରଣୀୟ କରିଥିଲେ । ସମସ୍ତଙ୍କ ସହଯୋଗ ନେଇ କାର୍ଯ୍ୟକ୍ରମଟି ସଫଳ ହୋଇଥିବାରୁ ଅନୁଷ୍ଠାନ ପକ୍ଷରୁ ଡ଼. ମମତା ଦାଶ ଓ ଶ୍ରୀମତୀ ତପସ୍ୱିନୀ ପଣ୍ଡା ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ ।

# ପିପ୍ପଳ ଗଛରେ ରହୁଛନ୍ତି ଶହେରୁ ଅଧିକ ଅଜଗର : ଲୋକେ ପୂଜା କରନ୍ତି

ଜାଞ୍ଜଗିର : ଛତିଶଗଡ଼ର ଜାଞ୍ଜଗିର ଜିଲ୍ଲାରେ ଏଭଳି ଏକ ଗଛ ଅଛି, ଯାହା ଅଜଗରଙ୍କ ନିର୍ଭୟ ବାସସ୍ଥଳୀ ପାଲଟିଛି । ଏହି ଗଛରେ ୧୦୦ରୁ ଅଧିକ ଅଜଗର ରହୁଛନ୍ତି । ଜାଞ୍ଜଗିର ଚ଼ାମ୍ପା ସହର ଠାରୁ ୧୨ କି.ମି. ଦୂରବର୍ତ୍ତୀ ଭଡେସର ନାମକ ଏକ ଗାଁରେ ଏକ ପିପ୍ପଳ ଗଛରେ ଖୁବ୍ ଆରାମ୍‌ରେ ରୁହନ୍ତି ଅଜଗରମାନେ । ଏହି ପିପ୍ପଳ ଗଛ ଭଡେସର ଗାଁର ମହାତ୍ମାରାମ ପାଣ୍ଡେଙ୍କ ଘରେ ରହିଛି । ସେ ଏହି ଗଛରେ ୧୦୦ରୁ ଅଧିକ ଅଜଗର ପାଳିଥିବା ଜଣାପଡ଼ିଛି । ଏହି ପିପ୍ପଳ ଗଛ ୨୦୦ ବର୍ଷର ଗଛ ବୋଲି ଲୋକେ କହୁଥିବା



ବେଳେ ପୁରୁଣା ଗଛ ହୋଇଥିବା ଯୋଗୁଁ ଗଛ ଭିତର ଫମ୍ପା ହୋଇ ଯାଇଥିବାରୁ ଅଜଗରମାନେ ଆରାମ୍‌ରେ ରୁହନ୍ତି । ଲୋକେ ଏହି ଗଛକୁ ପୂଜା କରୁଥିବା ଦେଖିବାକୁ ମିଳୁଛି ।

# ଓଡିଶା ମାଟିରେ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ



ଭୁବନେଶ୍ୱର, (ନିପ୍ର) : ଓଡିଶାରେ ପହଞ୍ଚିଛନ୍ତି ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ । ବାୟୁସେନାର ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ପହଞ୍ଚିଛନ୍ତି । ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଛନ୍ତି । ଭୁବନେଶ୍ୱରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସେ ୩ଟା ୦୫ରେ ପୁରୀ ହେଲିପ୍ୟାଡରେ ପହଂଚିବେ । ହେଲିପ୍ୟାଡରୁ ୩ଟା ୧୫ରେ ବାହାରି ୩ଟା ୨୫ରେ ରାଜଭବନରେ ଅବସ୍ଥାନ କରିବେ । ୪ଟା ୫୦ରେ ରାଜଭବନରୁ ବାହାରି ଶ୍ରୀମନ୍ଦିରକୁ ଯିବେ ।

ସଂଧ୍ୟା ୫ଟାରୁ ୫ଟା ୪୫ ମଧ୍ୟରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି । ଅପରାହ୍ନ ୫ଟାରେ ଶ୍ରୀମନ୍ଦିର ଦର୍ଶନ କାର୍ଯ୍ୟକ୍ରମ ଥିବାରୁ ସିଂହଦ୍ୱାର ନିକଟରେ ଅସ୍ଥାୟୀ ବିଶ୍ରାମ ସ୍ଥଳ ନିର୍ମାଣ କରାଯାଇଥିବା ସୂଚନା ମିଳିଛି ।

# ବିବାହ ସମାରୋହରେ ଦୁର୍ଘଟଣା : ୧୩ ଜଣ ମହିଳାଙ୍କ କୂଅରେ ପଡ଼ି ମୃତ୍ୟୁ

ଲକ୍ଷ୍ନୌ : ଗତ ରାତିରେ ଉତ୍ତରପ୍ରଦେଶର କୁଶୀନଗରରେ ବିବାହ ସମାରୋହରେ ଅଭାବନୀୟ ଦୁର୍ଘଟଣା ଘଟିଛି । ଏଥିରେ ଅତି କମ୍‌ରେ ୧୩ ଜଣ ମହିଳା ଓ ବାଳିକାଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି । ଜିଲ୍ଲାର ନୌରାଙ୍ଗିଆ ଗାଁର ଏକ ଘରେ ବିବାହ ସମାରୋହ ଚାଲିଥିବା ବେଳେ ଏହି ଘଟଣା ଘଟିଥିବା ବେଳେ ଏଠାରେ ଏକତ୍ରିତ ହୋଇଥିବା ମହିଳାମାନେ ରୀତିନୀତିର ଆୟୋଜନ କରିବା ସମୟରେ କୂଅରେ ପଡ଼ିଯାଇଥିଲେ ।



୧୩ ଜଣ ବାଳିକା ଓ ମହିଳାଙ୍କ ମୃତଦେହ କୂଅରୁ ବାହାର କରାଯାଇଛି । ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ବିବାହ ସମାରୋହରେ ଏହି କୂଅକୁ ପୂଜା କରିବାର ରୀତିନୀତି ପାଇଁ ବୁଧବାର ରାତି ପ୍ରାୟ ୯ଟା ସମୟରେ ନୌରାଙ୍ଗିଆ ଗାଁର ସ୍କୁଲ ସାହିରେ ମହିଳାମାନେ ବିବାହ ପାଇଁ ଏକାଠି ହୋଇଥିଲେ ବୋଲି କୁଶୀନଗର ପୋଲିସ କହିଛି । ଏହି ସମୟରେ କୂଅ କଡରେ ଥିବା ସୁରକ୍ଷା ବାଡ଼ ଭାଙ୍ଗି ଝିଅ ଏବଂ ମହିଳାମାନେ କୂଅରେ ପଡ଼ି ଯାଇଥିଲେ । କୂଅରେ ପାଣି ଭରି ରହିଥିବା ବେଳେ ମହିଳାମାନେ କୂଅରେ ବୁଡ଼ି ଯାଇଥିଲେ । ଦୁର୍ଘଟଣା ସମ୍ପର୍କରେ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଗାଁ ଲୋକଙ୍କ ସାହାଯ୍ୟରେ ମୃତଦେହକୁ କୂଅରୁ ବାହାର କରିଥିଲା । ଜିଲ୍ଲାର ଅଧିକାରୀମାନେ ୧୩ ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରିଛନ୍ତି । ଏଥିସହିତ ୧୮ରୁ ୨୦ ଜଣ ମହିଳା ଆହତ ହୋଇଥିବା କୁହାଯାଉଛି ।

# ମଦ ବୋଝେଇ ଟ୍ରାକ୍ଟର ଜବତ ସହ ୨ ଗିରଫ

କୋଣାର୍କ : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତରେ ବିଳମ୍ବିତ ରାତ୍ରିରେ ମଦ ବୋଝେଇ ଟ୍ରାକ୍ଟରକୁ ଗ୍ରାମବାସୀ ଅଟକ ରଖିଥିବା ଜଣାପଡିଛି ।



ସୂଚନା ଅନୁସାରେ, ଅସ୍ତରଙ୍ଗ ତାଳଦାଠାରେ ଏକ ବିଦେଶୀ ମଦ ବୋଝେଇ ଟ୍ରାକ୍ଟର ନଦୀ ପାର କରୁଥିବା ସମୟରେ ଗ୍ରାମବାସୀ ଅଟକ ରଖି ଅସ୍ତରଙ୍ଗ ପୋଲିସକୁ ଖବର ଦେଇଥିଲେ । ଅସ୍ତରଙ୍ଗ ପୋଲିସ ଖବର ପାଇ ୧୦୦ ପେଟିରୁ ଅଧିକ ବିଦେଶୀ ମଦ ଜବତ କରିବା ସହ ଡ୍ରାଇଭର ଓ ମଦ ନେଉଥିବା ଯୁବକଙ୍କୁ ଗିରଫ କରି ତଦନ୍ତ ଚଳାଇଛି । ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଜୋରସୋରରେ ଚାଲିଥିବା ବେଳେ ପ୍ରାର୍ଥୀ ଓ ସମର୍ଥକ ଗାଁ ଗାଁ ବୁଲୁଛନ୍ତି । ନିର୍ବାଚନ ସମୟରେ ଯଦି ଏତେ ପରିମାଣ ମଦ ଗାଁ ଗାଁରେ ପହଞ୍ଚେ ତାହାଲେ ନିର୍ବାଚନୀ ହିଂସା ଘଟିପାରେ ବୋଲି ଆଲୋଚନା ହେଉଛି ।

# ମନ୍ଦିରରୁ ଫେରୁଥିବା ବେଳେ ମହିଳାଙ୍କୁ ମାଡ ମାରି ଲୁଟ

ଭୁବନେଶ୍ୱର : ମନ୍ଦିରରୁ ଫେରୁଥିବା ବେଳେ ମହିଳାଙ୍କୁ ମାଡ ମାରି ଲୁଟ ହୋଇଥିବା ନେଇ ଅଭିଯୋଗ । ଅଭିଯୋଗ ଅନୁସାରେ ଆଜି ସକାଳ ସାଢେ ୬ଟା ସମୟରେ ମନ୍ଦିରରୁ ଘରକୁ ଫେରୁଥିବା ବେଳେ ଗୋଟିଏ ବାଇକରେ ଦୁଇଜଣ ଯୁବକ ଆସି ଲୁଟ କରିଥିବା ଜଣାପଡିଛି । ଏନେଇ ସହିଦନଗର ଥାନାରେ ମହିଳା ଜଣକ ଅଭିଯୋଗ କରିଥିବା ବେଳେ ସହିଦନଗର ଥାନା ପୁଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

# ଲାଞ୍ଚ ନେବା ସମୟରେ ଏପିପି ନେତ୍ରୀ ଧରାପଡ଼ିଲେ ସିବିଆଇଙ୍କ ହାତରେ

ନୂଆଦିଲ୍ଲୀ : ଆମ୍ ଆଦମୀ ପାର୍ଟିର ମ୍ୟୁନିସିପାଲ କାଉନସିଲର ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଲାଞ୍ଚ ମାମଲାରେ ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (ସିବିଆଇ) ଗିରଫ କରିଥିବା ଜଣାପଡ଼ିଛି । ଅଭିଯୁକ୍ତମାନେ ହେଲେ ଗୀତା ରାଓ୍ୱତ, ଯିଏକି ପୂର୍ବ ଦିଲ୍ଲୀ ମ୍ୟୁନିସିପାଲିଟି କାଉନସିଲର ଏବଂ ଅନ୍ୟ ଜଣେ ବିଲାଲ ବୋଲି ଜଣାପଡିଛି । ସୂଚନା ଅନୁସାରେ ଛାତ ନିର୍ମାଣ ବଦଳରେ ପୀଡିତାଙ୍କ ଠାରୁ ଗୀତା ରାଓ୍ୱତ ୨୦ ହଜାର ଟଙ୍କା ମାଗିଥିବା ବେଳେ ପୀଡିତା ଜଣକ ସିବିଆଇକୁ ଅଭିଯୋଗ କରିଥିଲେ, ଯାହା ପରେ ସିବିଆଇ ଆମ୍ ଆଦମୀ ପାର୍ଟିର ନେତାଙ୍କୁ ଦିଲ୍ଲୀରୁ ଗିରଫ



କରିଥିବା ଜଣାପଡ଼ିଛି । ସିବିଆଇ ଅନୁଯାୟୀ, ଏହି ଲାଞ୍ଚ ଟଙ୍କା ମଧ୍ୟସ୍ଥିଙ୍କ ମାଧ୍ୟମରେ ଗୀତା ରାଓ୍ୱତଙ୍କ ପାଖରେ ପହଞ୍ଚିଥିଲା ।

# ଜମ୍ମୁକାଶ୍ମୀରରେ ଭୂମିକମ୍ପ ଅନୁଭୂତ

ଜମ୍ମୁକାଶ୍ମୀର : ଜମ୍ମୁକାଶ୍ମୀରର କଟରାରେ ଭୂମିକମ୍ପ ଅନୁଭୂତ ହୋଇଥିବା ଖବର ମିଳିଛି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୩.୫ ରହିଥିବା ଜଣାପଡିଛି । ତେବେ ଭୂମିକମ୍ପରେ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି । ସୂଚନା ଅନୁସାରେ, ଆଜି ସକାଳ ୩ଟା ୨ ମିନିଟରେ କଟରାର ପୂର୍ବରେ ଭୂମିକମ୍ପ ହୋଇଥିଲା । ଭୂମିକମ୍ପ ହେବା ଜାଣିବା ପରେ ଲୋକମାନେ ଘରୁ ବାହାରକୁ ଚାଲି



ଆସିଥିଲେ । ଫଳରେ ଭୂମିକମ୍ପ ଦ୍ୱାରା କୌଣସି କ୍ଷତି ହୋଇନଥିବା ଅନୁମାନ କରାଯାଉଛି ।

# ୟୁପି ନିର୍ବାଚନ : ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୀତାପୁରରେ ବିରୋଧୀଙ୍କୁ ଭୟଙ୍କର ଆକ୍ରମଣ



ସୀତାପୁର : ୟୁପି ବିଧାନସଭା ନିର୍ବାଚନ ୨୦୨୨ରେ ତୃତୀୟ ପର୍ଯ୍ୟାୟ ପାଇଁ ନିର୍ବାଚନ ହେବାକୁ ଯାଉଛି । ବିଜେପିକୁ କ୍ଷମତାକୁ ଫେରାଇ ଆଣିବାକୁ ଚେଷ୍ଟା କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୀତାପୁରରେ ଏକ ସାଧାରଣ ସଭାରେ ସମ୍ବୋଧିତ କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବିରୋଧୀ ଦଳର ନେତାମାନେ ଭୋକାଲ୍ ଫର୍ ଲୋକାଲ୍ କହିବାକୁ ମଧ୍ୟ ଦୁଃଖ ଅନୁଭବ କରୁଛନ୍ତି । କାରଣ ଭୋକାଲ୍ ଫର୍ ଲୋକାଲ୍ କହିଲେ ମୋଦୀଜୀ ଯୋଗୀଜୀଙ୍କୁ ଶ୍ରେୟ ଯିବ । ସେମାନଙ୍କ କାରିଗରମାନଙ୍କ ଦକ୍ଷତା ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ବିଦେଶରୁ ଆମଦାନୀ ଉପରେ ଗୁରୁତ୍ୱାରୋପ କରୁଛନ୍ତି ପରିବାରବାଦୀ ନେତାମାନେ ବୋଲି ପିଏମ୍ ମୋଦୀ ଆକ୍ଷେପ କରିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ଯୋଗୀ ସରକାର ୟୁପି ଲୋକଙ୍କୁ ଏହି ଦଙ୍ଗାକାରୀ ଏବଂ ଅପରାଧୀଙ୍କଠାରୁ ମୁକ୍ତ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ସେଥିପାଇଁ ଆଜି ସମଗ୍ର ୟୁପି କହୁଛି – ଯେଉଁମାନେ ଆଇନର ନିୟମ ଆଣିଛନ୍ତି, ଆମେ ସେମାନଙ୍କୁ ଆଣିବୁ ।

# ଜରି ଗୋଟାଳି ପାଲଟିଥିବା ଜଟଣୀର ଜଣେ ଛାତ୍ରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଠପଢା ପାଇଁ ସହାୟତା ପ୍ରଦାନ

ଭୁବନେଶ୍ୱର, (ନିପ୍ର) : ଆର୍ଥିକ ଅନାଟନ ଯୋଗୁଁ ପାଠପଢା ଛାଡି ଜରି ଗୋଟାଳି ପାଲଟିଥିବା ଜଟଣୀର ଜଣେ ଛାତ୍ରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଠପଢା ପାଇଁ ସହାୟତା ପ୍ରଦାନ କରାଯାଇଛି । ଷଷ୍ଠ ଶ୍ରେଣୀରେ ତାଙ୍କ ନାମ ଲେଖାଇବା ସହ ପୁସ୍ତକ, ସ୍କୁଲ୍ ଡ୍ରେସ୍ ଆଦି ପ୍ରଦାନ କରାଯାଇଛି । ସେହିପରି ତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା



ପ୍ରଦାନ କରାଯାଇଛି । ଏନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ପୁତିନ କିଛି ଘଣ୍ଟା ମଧ୍ୟରେ ଯୁଦ୍ଧ ଘୋଷଣା କରିବେ : ରୁଷକୁ ଶେଷ ଚେତାବନୀ ଦେଲେ ବାଇଡେନ

ମସ୍କୋ : ୟୁକ୍ରେନ ଉପରେ ଆକ୍ରମଣ କରିବାକୁ ରୁଷ ମନା କରିଦେଇ ଥାଇପାରେ, କିନ୍ତୁ ଆସନ୍ତା କିଛି ଘଣ୍ଟା ମଧ୍ୟରେ ଯୁଦ୍ଧ ଘୋଷଣା କରିବ ବୋଲି ଜଣାପଡ଼ିଛି । ବ୍ରିଟିଶ ଗଣମାଧ୍ୟମ କହିଛି ଯେ, ରୁଷ ଯୁଦ୍ଧ ପାଇଁ ପ୍ରସ୍ତୁତିକୁ ଜୋରଦାର କରିଛି ଏବଂ ଆସନ୍ତା କିଛି ଘଣ୍ଟା ମଧ୍ୟରେ ଯୁଦ୍ଧ ଘୋଷଣା ମଧ୍ୟ କରିପାରେ ।

ଏଭଳି ସମୟରେ ଆମେରିକା ରୁଷକୁ ଚୂଡ଼ାନ୍ତ ଚେତାବନୀ ଦେଇ କହିଛି ଯେ, ରୁଷ୍ ପାଇଁ ଯୁଦ୍ଧ ମହଂଗା ପଡ଼ିବ । ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି ଯେ, ବ୍ରିଟିଶ ଗଣମାଧ୍ୟମ ଅନୁସାରେ ଯଦି ରୁଷ ୟୁକ୍ରେନ ଉପରେ ଆକ୍ରମଣ କରେ, ତେବେ ସେ ବିନାଶ ପାଇଁ ରୁଷ୍ ଦାୟୀ ରହିବ । କାରଣ ଆମେରିକା ଏହି



ଆକ୍ରମଣର ଉଚିତ ଉତ୍ତର ଦେବ ।

ଏହାପୂର୍ବରୁ ବାଇଡେନ ୟୁକ୍ରେନ ସୀମାରେ ପରିସ୍ଥିତିକୁ ସ୍ୱାଭାବିକ କରିବାକୁ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଅନେକ ଥର କହିଛନ୍ତି । କିନ୍ତୁ ପୁତିନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ । ଉଲ୍ଲେଖନୀୟ କଥା ହେଉଛି, ରୁଷ ପକ୍ଷରୁ କୁହାଯାଇଛି ଯେ ସେ ଯୁଦ୍ଧ ଚାହୁଁନାହିଁ ।

# ଫେବୃଆରୀ ୧୯ରୁ ୨୨ ରାଷ୍ଟ୍ରପତିଙ୍କ ଓଡିଶା ଓ ଆନ୍ଧ୍ରପ୍ରଦେଶ ଗସ୍ତ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପିଆଇବି) : ରାଷ୍ଟ୍ରପତି ରାମନାଥ କୋବିନ୍ଦ ଫେବୃଆରୀ ୧୯ରୁ ୨୨, ୨୦୨୨ରେ ଓଡିଶା ଏବଂ ଆନ୍ଧ୍ରପ୍ରଦେଶ ଗସ୍ତ କରିବେ । ଫେବୃଆରୀ ୨୦, ୨୦୨୨ରେ ରାଷ୍ଟ୍ରପତି ପୁରୀଠାରେ ଗୋଡୀୟ ମଠ ଏବଂ ମିଶନର ପ୍ରତିଷ୍ଠାତା ଶ୍ରୀମଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କର ତିନି ବର୍ଷିଆ ୧୫୦ତମ ଜନ୍ମବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରିବେ । ଫେବୃଆରୀ ୨୧, ୨୦୨୨ରେ ରାଷ୍ଟ୍ରପତି ବିଶାଖାପାଟଣାଠାରେ ଫ୍ଲିଟ୍ ରିଭ୍ୟୁ ଏବଂ ଫ୍ଲାଏପାଷ୍ଟ ଅବଲୋକନ କରିବେ ।



ସେନାବାହିନୀର ସର୍ବୋଚ୍ଚ କମାଣ୍ଡର ଭାବେ ଭାରତର ରାଷ୍ଟ୍ରପତି ନିଜର କାର୍ଯ୍ୟକାଳ ସମୟରେ ଗୋଟିଏ ଥର 'ରାଷ୍ଟ୍ରପତିଙ୍କର ଫ୍ଲିଟ ରିଭ୍ୟୁ'ର ଏକ ଅଂଶବିଶେଷ ସ୍ୱରୂପ ଭାରତୀୟ ନୌସେନାର ଫ୍ଲିଟ୍ ରିଭ୍ୟୁ କରିଥାନ୍ତି ।

# ଠାକୁରପାଲି ବୁଥ୍‌ରେ ସରପଞ୍ଚଙ୍କ ବାଲାଟ୍ ପେପର୍ ମୋଡ଼ାରେ ତ୍ରୁଟି ଅଭିଯୋଗ : ସରପଞ୍ଚ ଭୋଟ ସ୍ଥଗିତ ରଖିଲା ପ୍ରଶାସନ



ଲୋଇସିଂହା : ଲୋଇସିଂହା ବ୍ଲକ ସରଗାଡ଼ ପଞ୍ଚାୟତ ଅନ୍ତର୍ଗତ ଠାକୁରପାଲି ଗ୍ରାମରେ ୧୧ନଂ. ବୁଥ୍‌ରେ ସରପଞ୍ଚ ପ୍ରାର୍ଥୀଙ୍କ ବାଲାଟ୍ ପେପର୍ ମୋଡ଼ାରେ ତ୍ରୁଟି ହୋଇଥିବା ଅଭିଯୋଗ ଆଣିଲେ ସରପଞ୍ଚ ପ୍ରାର୍ଥୀ ଓ ଠାକୁରପାଲି ଗ୍ରାମବାସୀ । ଏହାପରେ ଜିଲ୍ଲା ପ୍ରଶାସନ ତରଫରୁ ସରପଞ୍ଚ ଭୋଟକୁ ସ୍ଥଗିତ ରଖିଥିବା ବେଳେ ୱାର୍ଡ ମେମ୍ବର, ସମିତି ସଭ୍ୟ, ଜିଲ୍ଲା ପରିଷଦର ସଭ୍ୟ ଭୋଟ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ସରଗାଡ଼ ସରପଞ୍ଚ ପଦବୀ ଅଣସଂରକ୍ଷିତ ରହିଥିବାରୁ ଏଠାରେ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଛନ୍ତି । ସକାଳ ୭ଟାରୁ ମତଦାନ ଅନୁଷ୍ଠିତ ହୋଇଥିବା ବେଳେ ସରପଞ୍ଚ ପ୍ରାର୍ଥୀଙ୍କ ବାଲାଟ୍ ପେପର୍ ମୋଡ଼ାରେ ୩ ଜଣ ପ୍ରାର୍ଥୀଙ୍କ ନିର୍ବାଚନୀ ଚିହ୍ନ ଦେଖାଯାଉଥିବା ବେଳେ ଅନ୍ୟ ୩ ଜଣ ପ୍ରାର୍ଥୀଙ୍କ ନିର୍ବାଚନୀ ଚିହ୍ନ ଦେଖାଯାଉ ନଥିଲା । ତେଣୁ ପ୍ରିଜାଇଡ଼ିଂ ଅଫିସର କେତେକ ପ୍ରାର୍ଥୀଙ୍କୁ ସୁହାଇଲା ଭଳି ବାଲାଟ୍ ପେପର୍ ମୋଡ଼ି ଥିବାର ଅଭିଯୋଗ ଆଣିଥିଲେ ସରପଞ୍ଚ ପ୍ରାର୍ଥୀ ଲେକରୁ ତ୍ରିପାଠୀ, ସରୋଜ ବେହେରା, ମେଘନାଦ ସାହୁ ଓ ଠାକୁରପାଲି ଗ୍ରାମବାସୀ । ଅଭିଯୋଗ ପାଇ ସେକ୍ଟର ଅଫିସର ଘଟଣାସ୍ଥଳରେ ପହଂଚି ଜିଲ୍ଲା ପ୍ରଶାସନକୁ ସରପଞ୍ଚ ଭୋଟ ସ୍ଥଗିତ ରଖିବା ପାଇଁ ସୂଚନା ଦେଇଥିଲେ । ଏହାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଠାରେ ଚାଲିଥିବା ତ୍ରିସ୍ତରୀୟ ନିର୍ବାଚନ ଭୋଟକୁ ସ୍ଥଗିତ ରଖାଯାଇଥିଲା । ପରବର୍ତ୍ତୀ ନିର୍ଦ୍ଦେଶପରେ ତାରିଖ ନିର୍ଦ୍ଧାରିତ କରି ସରପଞ୍ଚ ପଦବୀ ପାଇଁ ଭୋଟ କରାଯିବ ବୋଲି ବିଡ଼ିଓ ରାମଚନ୍ଦ୍ର କାଡ଼ିଆ ସୂଚନା ଦେଇଛନ୍ତି ।

# ପୋଲିସ ଜନତା ମୁହାଁମୁହିଁ, ଗାଡି ଭଙ୍ଗାରୁଜା



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ଗାଇସିଲାଟ ଥାନା କଠଉମାଲଠାରେ ନିର୍ବାଚନ ସମୟରେ ଜନସାଧାରଣ ଓ ପୋଲିସ ମୁହାଁମୁହିଁ ହୋଇଥିବା ଜଣାପଡିଛି । ପୋଲିସ ଉପରେ ଜନତା ଆକ୍ରମଣ କରି ଗାଡି ଉପରେ ବସିଥିବା ପୋଲିସକୁ ଗୋଟିଏ ଚାପୁଡା ମାରିଥିବା କୁହାଯାଉଛି । ଜନସାଧାରଣ ପୋଲିସ ଗାଡି ଉପରକୁ ଟେବୁଲ ଡେକ୍ସ ଆଣି ଗାଡି ଭାଙ୍ଗିବା ପାଇଁ କଚାଡି ଦେଇଥିବା ଦୃଶ୍ୟ ମଧ୍ୟ ପରିଲକ୍ଷିତ ହୋଇଛି । ଏହା ପରେ ସାମାନ୍ୟ ଲାଠି ଚାର୍ଜ କରିବାରୁ ଲୋକମାନେ ସାମାନ୍ୟ ପଛଘୁଞ୍ଚା ଦେଇଥିବା ବେଳେ ସେଠାରେ ହୋଇଥିବା ଧସ୍ତାଧସ୍ତିରେ ଗାଇସିଲାଟ ଥାନାଧିକାରୀଙ୍କ ମୁଣ୍ଡ ଫିଟିଥିବା ଦେଖିବାକୁ ମିଳିଛି । ବିଶ୍ୱସ୍ତ ସୂତ୍ରରୁ ଖବର ରହିଛି କି ଗୋଟିଏ ପୋଲିସ ଗାଡିକୁ ରଖିଥିବା ବେଳେ ଗୋଟିଏ ଛାଡି ଦେଇଛନ୍ତି ।

# ଜାତୀୟ ରାଜପଥରେ ମାଲବାହୀ ଯାନ ଦୁର୍ଘଟଣାଗ୍ରସ୍ତ : ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର




ଦେଓଗାଁ, (ନିପ୍ର) : ବରଗଡ ବୋରିଗୁମ୍ମା ୨୬ନଂ ଜାତୀୟ ରାଜପଥର ଦେଓଗାଁ ସଇଁତଲା ରାସ୍ତା ବହଲି ଛକ ନିକଟରେ ରାସ୍ତା ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଗାଡି ଚାଳକ । ରାତିରେ କଟକରୁ ବାହାରି କୋରାପୁଟ ଅଭିମୁଖେ ଯାଉଥିବା (ଓଡି୦୫ ଏଡବ୍ଲ୍ୟୁ ୯୧୨୭) ଏକ ମାଲ ବୋଝେଇ ଡାଲା ଗାଡି ଘନ କୁହୁଡି ଯୋଗୁଁ ଆଗରେ ଯାଉଥିବା ଏକ ଅଜଣା ଗାଡିକରେ ଧକ୍କା ହେବାରୁ ଗାଡିର ସାମ୍ନା ପଟ ଚୁରମାର୍ ହୋଇଯାଇଥିବା ବେଳେ ଉପସ୍ଥିତ ବୁଦ୍ଧି ଯୋଗୁଁ ଗାଡି ଚାଳକ ଅଶୋକ ମହାପାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

ଗାଡି ଦୁର୍ଘଟଣା ହେବାର ଖବର ପାଇ ଓଡିଶା ଡ୍ରାଇଭର ମହାସଂଘର ବଙ୍ଗଳା ଛକରେ ଥିବା ଗାଡି ଚାଳକମାନେ ଘଟଣାସ୍ଥଳକୁ ଯାଇ ଚାଳକଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲେ ।

# ଭୁସକିମାଲରେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା : ବଲାଙ୍ଗିର ଓଜେୟୁ ତରଫରୁ ଥାନା ଅଧିକାରୀଙ୍କ ଜରିଆରେ ବଲାଙ୍ଗିର ଏସ୍‌ପିଙ୍କୁ ଦାବୀପତ୍ର ପ୍ରଦାନ




ସଇଁତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ କଅଁସର ପଞ୍ଚାୟତର ଭୁସକିମାଲ ଗ୍ରାମରେ ସରପଞ୍ଚ ପ୍ରାର୍ଥିନୀଙ୍କ ସ୍ୱାମୀ ଓ ଭୁସକିମାଲ ଗ୍ରାମବାସୀଙ୍କ ମଧ୍ୟରେ ଟଙ୍କା ବଣ୍ଟନକୁ ନେଇ ଗଣ୍ଡଗୋଳ ଚାଲିଥିବା ବେଳେ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଆଜି ଓଜେୟୁ ଜିଲ୍ଲା ସଂଘ ତରଫରୁ ସଇଁତଲା ଥାନା ଅଧିକାରୀଙ୍କ ଜରିଆରେ ବଲାଙ୍ଗିର ଏସ୍‌ପିଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି ।

ପ୍ରକାଶ ଯେ, ଭୈରବ ସାହୁଙ୍କ ସ୍ତ୍ରୀ ସରପଞ୍ଚ ପ୍ରାର୍ଥିନୀ ଭାବେ ମଇଦାନରେ ଓହ୍ଲାଇଛନ୍ତି । ଏଥିରେ ସରପଞ୍ଚ ପ୍ରାର୍ଥିନୀଙ୍କ ସ୍ୱାମୀ ଓ ଭୁସକିମାଲ ଗ୍ରାମବାସୀମାନଙ୍କ ମଧ୍ୟରେ ଟଙ୍କା ବଣ୍ଟନକୁ ନେଇ ଗଣ୍ଡଗୋଳ ଚାଲିଥିବା ବେଳେ ସାମ୍ବାଦିକ ପ୍ରଦୀପ ବାଗ ଖବର ସଂଗ୍ରହ ପାଇଁ ଭୁସକିମାଲ ଗାଁକୁ ପହଂଚିଥିଲେ । ଏଥିରେ ଭୈରବ ସାହୁ, ଗଣେଶରାମ ସାହୁ, ପ୍ରଭୁଦତ୍ତ ସାହୁ, ରାକେଶ ସାହୁ ଉତ୍‌କ୍ଷିପ୍ତ ହୋଇ ପ୍ରଦୀପଙ୍କୁ ମାଡ଼ ମାରିଥିଲେ । ଏଥିରେ ସଇଁତଲା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏ ନେଇ ସଇଁତଲା ଥାନା ଅଧିକାରୀ ଅବନୀ ସାହୁଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇ ଘଟଣା ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଥିଲେ ।

ଏ ନେଇ ଓଡିଶା ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ପ୍ରମୋଦ କୁମାର ସେଲମା, ସାମ୍ବାଦିକ ନାରାୟଣ ସାହୁ, ବିଶାଳ ଅଗ୍ରୱାଲ, ଜୁଲୁ ମହାପାତ୍ର, ପ୍ରଦୀପ ବାଗ ଓ ରଞ୍ଜନ ବାଗ ଘଟଣାର ନିନ୍ଦା କରିବା ଓ ପ୍ରଦୀପଙ୍କ ନାମରେ ଥିବା ମିଥ୍ୟା ମାମଲାଙ୍କୁ ପ୍ରତ୍ୟାହୃତ କରାଯାଉ ଓ ଆକ୍ରମଣକାରୀ ଯୁବକମାନଙ୍କୁ ଗିରଫ କରାଯାଉ ବୋଲି ଦାବୀ କରିଛନ୍ତି ।

# ଝିରପାଣି ପଞ୍ଚାୟତରେ ଉତ୍ତେଜନା : ଭୋଟ ପୁଲିଂ ବନ୍ଦ ହେବା ପରେ ଉପଜିଲ୍ଲାପାଳ ପହଞ୍ଚି ସମାଧାନ କଲେ



ସୁନ୍ଦରଗଡ଼, (ନିପ୍ର) : ସୁନ୍ଦରଗଡ଼ ବିଶ୍ରା ବ୍ଲକ ଝିରପାଣି ପଞ୍ଚାୟତରେ ଉତ୍ତେଜନା ଦେଖାଦେଇଛି । ସରପଞ୍ଚ ପ୍ରାର୍ଥୀଙ୍କ ଲିଷ୍ଟରେ ନାଁ ନଥିବା ନେଇ ଉତ୍ତେଜନା ସୃଷ୍ଟି ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ସରପଞ୍ଚ ପ୍ରାର୍ଥୀଙ୍କ ଲିଷ୍ଟରେ ନାଁ ନଥିବା ଓ ବାଲେଟ ପେପର ମୋଡା ନେଇ ଉତ୍ତେଜନା ଦେଖାଯାଇଥିଲା ।

ଝିରପାଣି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ପାଇଁ ଲଣ୍ଠନ ଚିହ୍ନରେ ପ୍ରାର୍ଥୀ ହୋଇଛନ୍ତି ରାମ ତିର୍କୀ । ତାଲିକାରେ ୯ ନମ୍ବରରେ ତାଙ୍କ ନାମ ଓ ଚିହ୍ନ ରହିଥିବା ବେଳେ, କିଛି ବୁଥରେ ତାଙ୍କ ନାଁ ନଥିବା ସହିତ ବାଲେଟ ପେପରରେ ତାଙ୍କ ଚିହ୍ନକୁ ମୋଡି ଲୁଚା ଯାଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଝିରପାଣି ହାଇସ୍କୁଲରେ କିଛି ସମୟ ଉତ୍ତେଜନା ଦେଖାଯିବା ସହିତ ମତଦାନ ଅଟକ ରହିଥିଲା । ତେବେ ପାଖାପାଖି ୧ ଘଣ୍ଟା ମତଦାନ ଅଟକିବା ପରେ ପାନପୋଷ ଉପଜିଲ୍ଲାପାଳ ପହଁଚି ତ୍ରୁଟି ସୁଧାରିବା ପରେ ପୁଣି ଆରମ୍ଭ ହୋଇଥିଲା ମତଦାନ ।

# ସଂସ୍କାର ଭାରତୀ ବଲାଙ୍ଗିର ପକ୍ଷରୁ ଲତାଜୀ, ପଣ୍ଡିତ ହୋତାଜୀ ଓ ବପ୍ପି ଦା'ଙ୍କୁ ଶ୍ରଦ୍ଧାଞ୍ଜଳି



ବଲାଙ୍ଗିର, (ନିପ୍ର) : ନିକଟ ଅତୀତରେ ସ୍ୱର୍ଗାରୋହଣ କରିଥିବା ସ୍ୱର ସାମ୍ରାଜ୍ଞୀ ଲତାଜୀ, ପଣ୍ଡିତ ଦାମୋଦର ହୋତା ତଥା ସଂଗୀତ ନିର୍ଦ୍ଦେଶକ ବପ୍ପି ଲହରୀଙ୍କୁ ବଲାଙ୍ଗିର ଜିଲ୍ଲା ସଂସ୍କାର ଭାରତୀ ପକ୍ଷରୁ ତେଲିଗୋଠପଡା ସ୍ଥିତ ଚିତ୍ର, ସଂଗୀତ ଓ ନୃତ୍ୟ ଶିକ୍ଷାନୁଷ୍ଠାନ 'କଳାଧାମ' ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

ଏ ଅବସରରେ ସଂସ୍କାର ଭାରତୀ ବଲାଙ୍ଗିର ଜିଲ୍ଲା ସଂପାଦକ ଦିଲ୍ଲୀପ କୁମାର ସିଂହଦେଓ ସଭାପତି ବାସୁଦେବ ମେହେର, ଜିଲ୍ଲା ସଂଯୋଜକ ପ୍ରଭାକର ମିଶ୍ର, ଉପ-ସଭାପତି ମୁରଲିଧାରୀ ପତି, ସହ-ସଂପାଦକ ମଳୟ ତ୍ରିପାଠୀ, ଉତ୍କଳ ପଶ୍ଚିମ ପ୍ରାନ୍ତ ଉପ-ସଭାପତି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଅଶୋକ ଚାନ୍ଦ, ରାହାସ ବିହାରୀ ଭୋଇ, ଜବାହାର ନନ୍ଦ ତଥା ଅନ୍ୟାନ୍ୟ ସଭ୍ୟବୃନ୍ଦ ଉପସ୍ଥିତ ରହି ଦିବଂଗତ ମହାନ ପ୍ରତିଭାଧାରୀଙ୍କୁ ଦୀପ, ଧୂପ ତଥା ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦ୍‌ଗତି କାମନାର୍ଥେ ନିରବ ପ୍ରାର୍ଥନା ପୂର୍ବକ ସେ ସମସ୍ତଙ୍କ ମହାନ କୃତିତ୍ୱର ସ୍ମୃତି ଚାରଣ କରିଥିଲେ । ଅଜୟ ଅମର ସିଂହଦେଓ ଭାଓଲିନ୍ ବାଦନ ଜରିଆରେ ସ୍ୱରାଞ୍ଜଳି ଅର୍ପଣ କରିଥିଲେ ଓ ନଳିନୀ ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବଲାଙ୍ଗିର ବରିଷ୍ଠ ନାଗରିକ ମଂଚର ବୈଠକ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଲାଲଟିକ୍ରାଠାରେ ଥିବା ଭୁଲିଆ ମେହେର ଅଫିସରେ ବରିଷ୍ଠ ନାଗରିକ ମଂଚର ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଂଚର ସଭାପତି ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିବା ବେଳେ ସାଧାରଣ ସଂପାଦକ ମନୋରଂଜନ ମିଶ୍ର ଗତ ଇ.ବି.ମିଟିଙ୍ଗର ବିବରଣୀ ପଠନ ପରେ ସମସ୍ତ ଉପସ୍ଥିତ ସଭ୍ୟ କରତାଳି ମାଧ୍ୟମରେ ଅନୁମୋଦନ କରିଥିଲେ । ବିଗତ ସଭାମାନଙ୍କରେ ନିଆଯାଇଥିବା ସିଦ୍ଧାନ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ତାର କାର୍ଯ୍ୟକାରିତା ଉପରେ ନିରିକ୍ଷଣ କରାଯାଇଥିଲା । ତତ୍ ପରେ ବାର୍ଷିକ ବଣଭୋଜି ୨୦୨୨ ଉପରେ ସିଦ୍ଧାନ୍ତ ହେଲା ଯେ ଆସନ୍ତା ତା.୨୩.୦୨.୨୦୨୨ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ଠାରେ ଏହା ଅନୁଷ୍ଠିତ ହେବ । ସମସ୍ତ ସଦସ୍ୟ ବହୁଳ ଭାବେ ଯୋଗ ଦେବାକୁ ଅନୁରୋଧ କରାଯାଇଛି । ସଭା ଆଲୋଚନାରେ ବିରଞ୍ଚି ହୋତା, ଉପ-ସଭାପତି ସୁନିଲ ଚନ୍ଦ୍ର ବିଶ୍ୱାଳ, ଅତିରିକ୍ତ ସାଧାରଣ ସଂପାଦକ ବିନୟ କୁମାର ମିଶ୍ର, ସଂଗଠନ ସଂପାଦକ ନରେନ୍ଦ୍ର କବାଟ, କୋଷାଧକ୍ଷ ନିଳାଞ୍ଚଳ ଚିରଗୁନ, ସହ-ସଂପାଦକ ବାସୁଦେବ ମେହେର, ଇଂ. ହରେକୃଷ୍ଣ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ପୋପାଳ କୃଷ୍ଣ ମିଶ୍ର, ବୃଷକେତୁ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପରିଶେଷରେ ସୁନିଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ଚାରା ଘୋଟାଲାର ଆଉ ଏକ ମାମଲାରେ ଛନ୍ଦି ହେଲେ ଲାଲୁ, ୧୩୯ କୋଟି ଟଙ୍କା ହେର୍‌ଫେର୍ ଘଟଣାରେ ଦୋଷୀ ସାବ୍ୟସ୍ତ



ରାଂଚି : ଚାରା ଘୋଟାଲାର ଆଉ ଏକ ମାମଲାରେ ଛନ୍ଦି ହୋଇଛନ୍ତି ଲାଲୁ ପ୍ରସାଦ ଯାଦବ । ୧୩୯ କୋଟି ଟଙ୍କା ହେର୍‌ଫେର୍ ଘଟଣାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣାପଡ଼ିଛି । ଏହି ମାମଲା ଡୋରଣ୍ଡା କୋଷାଗାରରୁ ୧୩୯ କୋଟି ଟଙ୍କା ହେର୍‌ଫେର୍ ସହ ଜଡ଼ିତ ରହିଛି । ରାଂଚି ସ୍ଥିତ ସିବିଆଇର ସ୍ପେସାଲ କୋର୍ଟ ଏହି ଫଇସଲା ଶୁଣାଇଛନ୍ତି । ତେବେ ଏହି ଘଟଣାରେ ଲାଲୁଙ୍କୁ ଦଣ୍ଡ ବିଧାନ ଶୁଣାଣି ଏପର୍ଯ୍ୟନ୍ତ ହୋଇନାହିଁ । ଯଦି ତିନି ବର୍ଷରୁ କମ୍ ଜେଲ୍‌ଦଣ୍ଡ ପାଇଁ ଆଦେଶ ହୁଏ ତେବେ ତାଙ୍କୁ ଜମାନତ ମିଳି ଯାଇପାରେ । କିନ୍ତୁ ଯଦି ଏମିତି ନହୁଏ ତେବେ ଲାଲୁ ପ୍ରସାଦ ଯାଦବଙ୍କୁ କଷ୍ଟଡ଼ିରେ ନିଆଯିବ । ଲାଲୁଙ୍କ ବୟସ ବଢ଼ି ଚାଲିଥିବା ବେଳେ ଏବେ ଅଡୁଆ ବଢ଼ି ବଢ଼ି ଚାଲିଛି ।

# ବିଶ୍ୱାତ୍ମ ଚେତନା ବାଳ ସଂସ୍କାର କେନ୍ଦ୍ର ଉଦ୍‌ଘାଟିତ

କଟକ : ବିଶ୍ୱାତ୍ମ ଚେତନା ପରିଷଦ ପକ୍ଷରୁ କଟକର କିଶୋର ନଗରଠାରେ ବିଶ୍ୱାତ୍ମ ଚେତନା ବାଳ ସଂସ୍କାର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି ।

ଏହି ଅବସରରେ ବିଶ୍ୱାତ୍ମ ଚେତନା ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ଜୀ, ସ୍ୱାମୀ ନିଜବୋଧାନନ୍ଦ ସରସ୍ୱତୀ ଜୀ, ବିଶ୍ୱାତ୍ମ ଚେତନା ପରିଷଦର କିଶୋର ନଗରର ପୃଷ୍ଠପୋଷକ ମନୋଜ ଅଗ୍ରୱାଲ, ଶ୍ରୀମତୀ ନୂତନ ଚନ୍ଦା ଏବଂ ପରିଷଦର ଚେୟାରମ୍ୟାନ ଜ୍ୟୋତିପ୍ରକାଶ ମହାନ୍ତିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପାଦିତ ହୋଇଯାଇଛି ।

# ବଲାଙ୍ଗିର ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଯୁବ ତାଲିମ ଶିବିର ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ନେହେରୁ ଯୁବ କେନ୍ଦ୍ର ବଲାଙ୍ଗିର ଆନୁକୂଲ୍ୟରେ ଏବଂ ବୀଣାପାଣି ଶିକ୍ଷା ସୌଧ ସହଯୋଗରେ ବିଦ୍ୟାଳୟ ପରିସରରେ ଅଂଚଳର ଯୁବକ ସଂଘର ଯୁବ ଗୋଷ୍ଠୀଙ୍କୁ ନେଇ ସକରାତ୍ମକ ମାନସିକତା ଏବଂ ସୁସ୍ଥ ଭାରତ ଶୀର୍ଷକ ଉପରେ ଏକ ତାଲିମ ଶିବିର ଆୟୋଜିତ ହୋଇଥିଲା । ତାଲିମ ଶିବିରର ମୁଖ୍ୟ ଅତିଥି ବିଦ୍ୟାଳୟର ଅଧକ୍ଷା ବାସନ୍ତୀ ମେହେର ଯୋଗଦାନ କରି ଦେଶ ଗଠନରେ ଯୁବକମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ବିଜ୍ଞାନ ମଧୂପର ସଂପାଦକ ଡ. ବି.ଏନ୍. ଶ୍ରୀକାନ୍ତ ଯୁବ ଓ କିଶୋର ସ୍ୱାସ୍ଥ୍ୟ ଏବଂ ସନ୍ତୁଳିତ ଖାଦ୍ୟ ଉପରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ପ୍ରଶିକ୍ଷକ ଅଶୋକ କୁମାର ମେହେର ଯୁବକମାନଙ୍କ କର୍ତ୍ତବ୍ୟ ଓ ଚାପମୁକ୍ତ ଜୀବନଶୈଳୀ ଉପରେ ତାଲିମ ଦେଇଥିଲେ । ଅନ୍ୟତମ ସାଧନ କର୍ମୀ ଅନ୍ତର୍ଯ୍ୟାମୀ ସାହୁ ମୌଳିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ତାଲିମରେ ସୌମ୍ୟରଂଜନ ଦ୍ୱାରା, ମିତ୍ରଭାନୁ ସାହୁ, ତରଣୀ ସାହୁ, ଅନସୂୟା ମନହିରା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ନେହେରୁ ଯୁବ କେନ୍ଦ୍ରର ବିପିନ ବିହାରୀ ଜେନା ଏବଂ ତାଙ୍କ ସହଯୋଗ କରିଥିଲେ ବଳିୟାର ସିଂହ, କୃପାସିନ୍ଧୁ ଭୋଇ, ସତ୍ୟ ହୋତା ଏବଂ ପ୍ରମୋଦ ବେହେରା । ଏଥିରେ ୬୨ ଜଣ ଯୁବକ ଅଂଶଗ୍ରହଣ କରିଥିଲେ ।

# ଗ୍ରାମବାସୀ କହିଲେ - ସ୍କୁଲ ନାହିଁ ତ' ଭୋଟ ନାହିଁ.....

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ୍ ଅନ୍ତର୍ଗତ ଡୁମେରପାଲି ଗାଁରେ ନିର୍ବାଚନ ସମୟରେ ଗ୍ରାମବାସୀଙ୍କ ଦାବୀ ସାମ୍ନାକୁ ଆସିଛି । ଗ୍ରାମବାସୀ କହିଛନ୍ତି, ସ୍କୁଲ ନାହିଁ ତ' ଭୋଟ ନାହିଁ । ସୂଚନା ଅନୁସାରେ ଗାଁରେ ଭୋଟ ହେବାକୁ ଥିବା ବେଳେ ଗତକାଲି ଡୁମେରପାଲି ଗାଁକୁ ପୁଲିଂ କର୍ମଚାରୀମାନେ ଆସି ପହଞ୍ଚି ଥିଲେ । ଏତିକି ବେଳେ ଗ୍ରାମବାସୀଙ୍କ ଦ୍ୱାରା ପୁଲିଂ କର୍ମଚାରୀମାନଙ୍କୁ ପ୍ରବଳ ବିରୋଧ କରାଯାଇ ଭୋଟ ବର୍ଜନ ଧମକ ଦେଇ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ଗାଁରେ ଥିବା ସ୍କୁଲକୁ ବର୍ଷ ତଳେ ବନ୍ଦ କରି ଅନ୍ୟ ଏକ ସ୍କୁଲରେ ମିଶାଇ ଦିଆଯାଇଥିଲା । ତେଣୁ ଗାଁର କୁନି କୁନି ପିଲାଙ୍କ ପାଠ ପଢ଼ିବାରେ ବ୍ୟାଘାତ ସୃଷ୍ଟି ହୋଇଛି । ଏ ସଂପର୍କରେ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସମାଧାନ କରାଯାଇ ନଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି ।








# ପାଉଣା ମାଗିବାରୁ ମହିଳା ଶ୍ରମିକଙ୍କୁ ଆନନ୍ଦନଗର ଠାରେ ପେଟ୍ରୋଲ୍ ଢାଳି ଜାଳିଦେଲା ରୋଷେୟା : ମହିଳା ମୃତ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଆନନ୍ଦନଗର ଠାରେ ପାଉଣା ମାଗିବାରୁ ଜଣେ ମହିଳା ଶ୍ରମିକଙ୍କୁ ପେଟ୍ରୋଲ୍ ଢାଳି ଜଣେ ରୋଷେୟା ଜାଳି ଦେଇଥିବା ଜଣାପଡ଼ିଛି । ଏବେ ମହିଳାଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ତାଙ୍କୁ ବୁର୍ଲା ରେଫର୍ କରାଯାଇଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁ ଘଟିଥିବା ସୂଚନାରେ କୁହାଯାଇଛି । ମିଳିଥିବା ସୂଚନା ଅନୁସାରେ ବିଧବା ମହିଳା ଶ୍ରମିକ ମନ୍ଦାର ଧରୁଆ ଆନନ୍ଦନଗର ଠାରେ ନିଜ ଦୁଇ ସନ୍ତାନଙ୍କୁ ନେଇ ରହୁଥିବା ବେଳେ ନିକଟସ୍ଥ ଧମଣାସର ଗାଁର ରୋଷେୟା ମାନସ ମିଶ୍ର ସହ ବିଭିନ୍ନ ଭୋଜିରେ ରୋଷେଇ କାମ କରି ଆସୁଥିଲେ । ତେବେ କୌଣସି ଏକ ଭୋଜି ପାଇଁ ରୋଷେୟା ମାନସ ମିଶ୍ର ସହ ମନ୍ଦାର ଧରୁଆ ରୋଷେଇ କରିବାକୁ ଯାଇ ଫେରିବା ସମୟରେ ପାଉଣା ମାଗିବାରୁ ତାଙ୍କ ଘର ସାମ୍ନାରେ ତାଙ୍କୁ ପେଟ୍ରୋଲ ଢ଼ାଳି ଜାଳି ଦେଇଥିବା କୁହାଯାଇଛି । ସ୍ଥାନୀୟ ଲୋକେ ମନ୍ଦାରଙ୍କୁ ଉଦ୍ଧାର କରି ତୁରନ୍ତ ଭୀମ ଭୋଇ ମେଡ଼ିକାଲ୍ ହସ୍‌ପିଟାଲ୍‌କୁ ଆଣି ଭର୍ତ୍ତି କରିଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ରେଫର୍ କରାଯାଇଥିଲା ଏବଂ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

# ସୁଲେଖିକା ଜ୍ୟୋସ୍ନାମୟୀ ତ୍ରିପାଠୀଙ୍କ ପ୍ରଥମ କବିତା ସଂକଳନ କୁସୁମାଞ୍ଜଳି ଉନ୍ମୋଚିତ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ସାମ୍ବାଦିକ ଭବନଠାରେ ଲେଖିକା ଜ୍ୟୋସ୍ନାମୟୀ ତ୍ରିପାଠୀଙ୍କ ପ୍ରଥମ କବିତା ସଂକଳନ କୁସୁମାଞ୍ଜଳି ଉନ୍‌ମୋଚିତ ହୋଇଯାଇଛି । ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଗୀତିକାର ହୃଷିକେଶ ପୁରୋହିତ ଓ ସଂମାନିତ ଅତିଥି ଭାବରେ ସମାଜସେବୀ ଡ. ଶ୍ରୀକର ମିଶ୍ର ଯୋଗ ଦେଇଥିଲେ । ପ୍ରାରମ୍ଭିକ ସୂଚନା ଓ ପୁସ୍ତକ ସମୀକ୍ଷା କରିଥିଲେ କବି ରତ୍ନମୟ ତ୍ରିପାଠୀ । ପୁସ୍ତକର କେତୋଟି କବିତାକୁ ସ୍ୱର ଦେଇ ଗାଇଲେ ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ମିଶ୍ର । ସଭା ପରିଚାଳନା କରିଥିଲେ କସ୍ତୁରୀ ରଥ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ପୁସ୍ତକର ପ୍ରକାଶକ ବିମଳ କିଶୋର ମିଶ୍ର । କାର୍ଯ୍ୟକ୍ରମକୁ ସଫଳ କରିବାରେ ମୃଗେସ ବୈଷ୍ଣବ ପାଣିଗ୍ରାହୀ, ଦୀପକ ମହାନ୍ତି କୁନିଝିଅ ଆଦ୍ୟା ଓ ଇଭା ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହରର ଅନେକ ସାହିତ୍ୟିକ ଯୋଗଦେଇ ଥିଲେ ।

# ନୃଶଂସ ରୋଷେୟା ଦ୍ୱାରା ମୃତ୍ୟୁବରଣ କରିଥିବା ମନ୍ଦାର ଧରୁଆଙ୍କ ୨ ଅନାଥ ପୁଅଙ୍କୁ ଭେଟିଲା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ : ଶୁଦ୍ଧିକ୍ରିୟା ପରେ 'ଆଦୃତ'ରେ ରହିବେ



ବଲାଙ୍ଗିର, (ନିପ୍ର) : ନିକଟରେ ନୃଶଂସ ରୋଷେୟା ଦ୍ୱାରା ମୃତ୍ୟୁବରଣ କରିଥିବା ବିଧବା ମହିଳା ମନ୍ଦାର ଧରୁଆଙ୍କ ୨ ଅନାଥ ପୁଅଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସାକ୍ଷାତ କରାଯାଇଛି । ଶୁଦ୍ଧିକ୍ରିୟା ଖର୍ଚ୍ଚ ରେଡ୍‌କ୍ରସ ପକ୍ଷରୁ ବହନ କରାଯିବ ଏବଂ ଶୁଦ୍ଧିକ୍ରିୟା ପରେ ଦୁଇ ନାବାଳକ ସନ୍ତାନଙ୍କୁ 'ଆଦୃତ'ରେ ରଖାଯିବ ବୋଲି କୁହାଯାଇଛି ।

ନାରୀ ଶକ୍ତି ଫାଉଣ୍ଡେସନ୍ ତଥା ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ସିଡ଼ିପିଓ ଲକ୍ଷ୍ମୀ ସିଂ, ଅରୁଣ ଖୁଆସ୍, ନାରୀଶକ୍ତି ଫାଉଣ୍ଡେସନ୍‌ର ସରିତା ଦାଶ, ନୂତନ ସିନ୍ଧିଆ, ଜଗଦମ୍ବା ନାଏକ, ନୂତନ ଦାସ ପ୍ରମୁଖ ଦୁଇ ବାପା ମା' ଛେଉଣ୍ଡ ନାବାଳକଙ୍କୁ ଭେଟିଛନ୍ତି ।

# ବଲାଙ୍ଗିର ବଡ଼ ମେଡ଼ିକାଲ ପରିସରରୁ ଉଦ୍ଧାର ହେଲା ନବଜାତ ଶିଶୁର ମୃତଦେହ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ବଡ଼ ମେଡ଼ିକାଲ ପରିସରରୁ ଉଦ୍ଧାର ହୋଇଛି ନବଜାତ ଶିଶୁର ମୃତଦେହ । ଗତ କିଛିମାସ ହେଲା ନବଜାତ ଶିଶୁମାନଙ୍କର ମୃତଦେହ ବାରମ୍ବାର ଉଦ୍ଧାର ହେଉଛି ବଲାଙ୍ଗିର ସହରରେ । ଏହାକୁ ନେଇ ଚର୍ଚ୍ଚା ସର୍ବଦା ଲାଗି ରହିଛି । ଏତିକି ବେଳେ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିସରରୁ ପୁଣି ନବଜାତ ଶିଶୁର ମୃତଦେହ ଉଦ୍ଧାର ହୋଇଛି । ହସ୍ପିଟାଲର ଏମ୍‌ସିଏଚ୍ କୋଠା ନିକଟରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com